ଚୁମ୍ବନ

ଦେବଦାସ ଛୋଟରାୟ

Source: Author, Digitized by PPRACHIN, SOA

'ଚୁମ୍ବନ' ଫେବୃଆରୀ ୨୦୧୪ରେ 'କଥା'ରେ ବାହାରିଲା ପରେ, ମୋର ଜଣେ ବନ୍ଧୁ ମତେ ଫୋନ୍ କରି କହିଲେ, ତୋ'ର ଗୋଟିଏ ଗଳ୍ପ ପଢ଼ିଲି କାଲି ରାତିରେ, ଚମତ୍କାର ହେଇଚି। ମୁଁ କହିଲି, କୋଉ ଗଳ୍ପ ? ସେ କହିଲେ, ଆରେ ସେଇଟା ମ, ଯାହା ଏବେ ବାହାରିଚି। ମୁଁ କହିଲି, ଆରେ କୋଉଟା ? ମତେ ନାଁଆଟା କହିଲେ ତ ଜାଣିବି ! ମୁଁ ତାଙ୍କର ଅସ୍ୱସ୍ତି ଅନୁମାନ କରିପାରୁଥିଲି। ସେ ହଠାତ୍ ଟେଲିଫୋନ୍‌ରେ ସ୍ୱରକୁ ପ୍ରାୟ ଫିସ୍‌ଫିସ୍ କରି କହିଲେ, ଆରେ ଭାଇ, ଏଠି ମୋ ପାଖରେ ଲୋକ ଅଛନ୍ତି, ନାଁଆଟା ବଡ଼ ପାଟିରେ କେମିତି କହିବି !

ଦେବଦାସ ଛୋଟରାୟ

Source: Author, Digitized by PPRACHIN, SOA

ଚୁମ୍ବନ

ଦେବଦାସ ଛୋଟରାୟ

timepass

Source: Author, Digitized by PPRACHIN, SOA

ଚୁଂବନ
ଦେବଦାସ ଛୋଟରାୟଙ୍କ ଉପନ୍ୟାସିକା

ପ୍ରକାଶକ : ଟା ଇ ମ୍ ପା ସ୍

ପ୍ରଥମ ଛାପା : ଡିସେମ୍ବର ୨୦୧୪

chumban
odia novella
by **devdas chhotray**

published & printed by **timepass**
950 (P), green villa, nk marg, baramunda, bhubaneswar

cover concept & design : devdas chhotray & jyoti ranjan swain
first impression : december 2014

₹ 75.00

Source: Author, Digitized by PPRACHIN, SOA

ଚୁଂ ବ ନ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ରେଭେନ୍ସା କଲେଜ୍‌ର ଚତୁଷ୍କୋଣ ପ୍ରାଙ୍ଗଣରେ ଥିବା ସୂର୍ଯ୍ୟଘଡ଼ିକୁ

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA

ଚୁମ୍ବନର ଭୂମିକା

ମୁଁ ସ୍କୁଲକୁ ବି ଯାଇ ନଥାଏ, କିନ୍ତୁ ଅକ୍ଷର ଚିହ୍ନିଥାଏ, ସେତେବେଳେ ବାପାଙ୍କ କୋଟ୍ ପକେଟ୍‌ରୁ ଗୋଟିଏ ଅପେକ୍ଷାକୃତ ଛୋଟ ସାଇଜ୍‌ର ନଭେଲ୍ ବାହାରିଲା, ଯାହାର ନାଁ ଥିଲା 'ନିଶୀଥ ଚୁମ୍ବନ' । ଗାଢ଼ ନୀଳ ପ୍ରଚ୍ଛଦ ଉପରେ ଚୁମ୍ବନରତ ଦୁଇ ଜଣ ଯୁବକ ଯୁବତୀ । ବାପା ମୋ' ପାଖରୁ ବହିଟି ପ୍ରାୟ ଛଡ଼େଇଲାପରି ନେଇଯାଇ ଆଉଥରେ କୋଟ୍ ପକେଟ୍‌ରେ ରଖିଦେଲେ । ସମୟାନୁକ୍ରମେ, ମୁଁ ଟିକେ ବଡ଼ ହେଲାପରେ, ସେଇ ବହିକୁ ପଢି ଦେଖିଲି ଯେ 'ନିଶୀଥ ଚୁମ୍ବନ'ର ଶୀର୍ଷକ ତଳେ ବ୍ରାକେଟ୍ ଭିତରେ ଲେଖା ହେଇଚି 'A Midnight Kiss' । ଇଂରାଜୀ ତର୍ଜମା ଯେମିତି ସେ ନୀଳ ଚିତ୍ରପଟର ଯୌନ ଉତ୍ତାପକୁ ଆଉ କେତେ ଗୁଣ ବଢ଼େଇଦେଲା ।

ତା'ର କେତେ ବର୍ଷ ପରେ, ମୁଁ କଲେଜକୁ ଯାଇଥିଲି କି ନାହିଁ ମନେ ପଡୁନି, ଆମ କିଶୋର ଗୋଷ୍ଠୀରେ ନୂଆ ମିଶିଥିବା ଚାନ୍ଦିନୀଚୌକର ଛବି, ଥରେ ମତେ ତାଙ୍କ ଘର ଛାତ ଉପରକୁ ଡାକି କହିଲା, ଦେବଭାଇ, ଆସ ଗୋଟେ ଜିନିଷ ଦେଖିବ । ଛବି ହାତରେ ଗୋଟେ ବହିଥିଲା । ସେଥିର କୌଣସି ପୃଷ୍ଠାରେ ଯେଉଁ ଶବ୍ଦଟି ତଳେ ସେ ପେନ୍‌ସିଲ୍ ଗାର ମାରି ମତେ ଦେଖାଇବାର ଉଦ୍ୟମ କରୁଥିଲା, ତା' ହେଲା ଚୁମ୍ବନ ।

Source: Author, Digitized by PPRACHIN, SOA

ଛବି ଶବ୍ଦଟିକୁ ଉଚ୍ଚାରଣ ପର୍ଯ୍ୟନ୍ତ କଲାନାହିଁ, କେବଳ ତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି, ମୋ ଆଡ଼େ ଚାହିଁଲାବେଳକୁ ତା'ମୁହଁ ଲଜ୍ଜାରୁଣ ହୋଇସାରିଥିଲା । ଛବି ସେତେବେଳେ ନବମ ଶ୍ରେଣୀର ଛାତ୍ରୀ ।

'ଚୁମ୍ବନ' ଗଳ୍ପ ଫେବୃଆରୀ ୨୦୧୪ରେ 'କଥା'ରେ ବାହାରିଲା ପରେ, ମୋର ଜଣେ ବନ୍ଧୁ ମତେ ଫୋନ୍ କରି କହିଲେ, ତୋର ଗୋଟିଏ ଗଳ୍ପ ପଢ଼ିଲି କାଲି ରାତିରେ, ଚମତ୍କାର ହେଇଚି । ମୁଁ କହିଲି, କୋଉ ଗଳ୍ପ ? ସେ କହିଲେ, ଆରେ ସେଇଟା ମ, ଯାହା ଏବେ ବାହାରିଚି । ମୁଁ କହିଲି, ଆରେ କୋଉଟା ? ମତେ ନାଁ ତ କହିଲେ ଜାଣିବି ! ମୁଁ ତାଙ୍କର ଅସ୍ୱସ୍ତି ଅନୁମାନ କରିପାରୁଥିଲି । ସେ ହଠାତ୍ ଟେଲିଫୋନ୍‌ରେ ସ୍ୱରକୁ ପ୍ରାୟ ଫିସ୍‌ଫିସ୍ କରି କହିଲେ, ଆରେ ଭାଇ, ଏଠି ମୋ ପାଖରେ ଲୋକ ଅଛନ୍ତି, ନାଁ ଟା ବଡ଼ ପାଟିରେ କେମିତି କହିବି !

ଆମର ତତ୍କାଳୀନ ସାମାଜିକତାରେ, ତଥାପି ସୁଦ୍ଧା, ଚୁମ୍ବନ ଏକ ଅସ୍ପୃଶ୍ୟ ଶବ୍ଦ ହେଇ ରହିଯାଇଚି । ବହିପତ୍ରର ନୀରବତା ଭିତରେ ହୁଏତ ପଢ଼ାଯାଇପାରେ । କିନ୍ତୁ କଥାବାର୍ତ୍ତାର ପ୍ରବାହରେ, ତଥାପି ସୁଦ୍ଧା, ଏକ ନିମ୍ନସ୍ୱରର ଆବଶ୍ୟକତା ପଡ଼େ ଏହାର ଉଚ୍ଚାରଣରେ (ଯଦି ତାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇ ନପାରେ) । ଅଥବା ସ୍ତ୍ରୀକୁ Wife କହିଲା ପରି, ଏହାକୁ Kiss କହି, ତା'ର ସାମ୍ଭାବ୍ୟ ଯୌନତାକୁ ଲୋକଶ୍ରବଣରେ ହ୍ରାସ କରାଯାଏ । ଚୁମ୍ବନର ଏଇ ପତିତ, ପ୍ରତାରିତ ସଂଜ୍ଞା ଭିତରେ ଏକ ନିରୀହ କରୁଣ ପ୍ରଥମ ପ୍ରେମର ପବିତ୍ରତାକୁ ଅଧିଷ୍ଠିତ କରିବା ଏହି ଉପନ୍ୟାସିକାର ଆଭିମୁଖ୍ୟ ।

ଦେବଦାସ ଛୋଟରାୟ

Source: Author, Digitized by PPRACHIN, SOA

ମରଣ

ବାବୁର ସବୁବେଳେ ମନେହୁଏ ଯେ ସେ ଚଂଚଳ ମରିଯିବ। କେବେଠୁ ଏକଥା ତା' ମନରେ ପଶିଚି, ସେ ଠିକ୍ କହିପାରିବନି। ବାବୁକୁ ଏଇ ନଭେମ୍ବରରେ ମାତ୍ର ସତର ପଶିଲା। ସେ ସ୍କୁଲ ଛାଡ଼ି ସଦ୍ୟ କଲେଜ୍ ଯାଇଛି। ଏଇ ବୟସ ଭିତରେ ଯେ ସେ ବହୁତ ବେଶି ମରଣ ଦେଖିଚି, ତା' ବି ନୁହଁ। କହିବାକୁ ଗଲେ, ଏମିତି ଗୋଟାଏ ଦି'ଟା କାଁ ଭାଁ ଶବ ରାସ୍ତାରେ ଭେଟିବା ଛଡ଼ା, ଆଉ ନଈକୂଳରେ ସଂଧ୍ୟାବେଳେ ଦୂରରୁ ଶ୍ମଶାନର ଜୁଇ ନିଆଁ ଦେଖିବା ଛଡ଼ା, ସେ ଏପର୍ଯ୍ୟନ୍ତ କାହାରି ମରିବା ପ୍ରକୃତରେ ଦେଖିନି। ତା' ବାପା ବୋଉ ସୁସ୍ଥ ସବଳ। ଏମିତିକି ତା'ର ପଂଚସ୍ତରୀ ବର୍ଷର ଗୋରା ଥାକୁଲୁ ଥୁକୁଲୁ ନିଖୁଣ ବୁଢ଼ୀମା' ଯେତେବେଳେ ସକାଳୁ ଗାଧେଇ ଠାକୁର ପୂଜା କରନ୍ତି, ଲାଗେ ଯେମିତି ସୂର୍ଯ୍ୟ ଉଇଁଛନ୍ତି।

Source: Author, Digitized by PPRACHIN, SOA

କମକୁଟ ଆଇନା

କିନ୍ତୁ ବାବୁ ମନେମନେ ଭାବେ ଯେ ସେ ଚଂଚଳ ମରିଯିବ। ହେଲେ ଏକଥା ସେ କାହାକୁ କହି ପାରେନି। ଯେତେବେଳେ ସେ ଆହୁରି ପିଲାଥିଲା, ମରିବା ତା' ପାଇଁ ଗୋଟେ ଖେଳଥିଲା। ତା' ବୋଉ ବି ତା' ସାଙ୍ଗେ ମରିବା ଖେଳ ଖେଳୁଥିଲେ। ବାବୁ ଖରାବେଳେ ନ ଶୋଇଲେ କି କଥା ନମାନିଲେ, ତା' ବୋଉ ଛଟାଗାଳି କହୁଥିଲେ, 'ବାବୁ, ତୁ ଏକୁଟିଆ ଥା, ମୁଁ ମରିଯାଉଛି।' ଏଇଆ କହି ସେ ଆଖି ବୁଜି ଖଟ ଉପରେ ଶୋଇପଡୁଥିଲେ। ନିଃଶ୍ୱାସ ଚାଲୁଚି କି ନାହିଁ, ବାବୁ ଏତେ ଲକ୍ଷ୍ୟ କରୁନଥିଲା। ଖାଲି ବୋଉ କାହିଁକି କଥାକହୁନି,ଏତିକିରେ ସେ କାନ୍ଦିକାଟି ପାଗଳପରି ହୋଇଯାଉଥିଲା। ତେବେ ସେ ବୋଉକୁ ବଂଚାଇବା ବି ଜାଣିଥିଲା। ତା'ବୋଉ ଯଉତୁକ ଆଣିଥିଲେ ଗୋଟିଏ ଚାରିପଟେ ରଂଗୀନ୍ କାଚର କମକୁଟ କରା ବିଦେଶୀ ହାତ ଆଇନା। ବାବୁ ସେ'ଟା ଧରି ତଳେ ଠୁକ୍‌ଠୁକ୍ କରି ଚେତାବନୀ ଦେଉଥିଲା 'ବୋଉ, ତୁ ଏଇନା ସାଙ୍ଗେସାଙ୍ଗେ ନ ବଂଚିଲେ ମୁଁଏଇଟା ଭାଙ୍ଗିଦେବି।' ବୋଉ ତତ୍‌କ୍ଷଣାତ୍ ବଂଚି ଉଠୁଥିଲେ।

ସେ ଖେଳ ଅବଶ୍ୟ ଅନେକ ଦିନରୁ ବନ୍ଦ ହୋଇଯାଇଛି, କିନ୍ତୁ ବାବୁ ତା' ମନର ଆଶଙ୍କାକୁ ବୋଉ ସାମ୍ନାରେ କହିପାରିବ,

Source: Author, Digitized by PPRACHIN, SOA

ଏ ଭରସା ତା'ର ନାହିଁ। କାରଣ ସେ ମରିଗଲେ, ଆଉ ଯାହା ହେଉ ନହେଉ, ତା' ବୋଉତ ନିଶ୍ଚୟ ମରିଯିବ। ତା' ମରିବାର ସବୁଠୁ ବଡ଼ ପ୍ରତିବଂଧକ ହେଉଛି ଏଇ କାରଣ – ତା' ବୋଉ କେମିତି ରହିବ !ଥରେ, ବାବୁ ପିଲା ହୋଇଥିଲା, ତାଙ୍କ ସାହି ପୋଖରି ହୁଡ଼ାରେ, ଦଳେ ବଜାରୀ ପିଲାଙ୍କ ସାଙ୍ଗରେ ବାଲିମାଟିଖେଳୁଥିଲା,ଆଉ ବାପା ଦେଖିଲେ। ଘରେ ତା'କୁ ବାପା ସ୍କେଲ୍‌ରେ ପିଟିଲାବେଳେ, ବୋଉ ଖାଲି ଦେଖୁଥିଲା,କିଛି କହିଲାନି। ବାବୁ ଯେତେବେଳେ ତା'ପରେ ଏକୁଟିଆ ଟେବୁଲ୍‌ରେ ମୁଣ୍ଡରଖି କାନ୍ଦୁଥିଲା, ତା'ର ମନେହେଉଥିଲା ସେ ଯଦି ଏଇନା ମରିଯାନ୍ତା, କି ତା'ର ହାତଗୋଡ କଟିଯାନ୍ତା, ତା'ହାଲେ ତା' ବୋଉକୁ ଏ ବିଶ୍ୱାସଘାତକତା ଲାଗି ଉଚିତ୍ ଶିକ୍ଷା ମିଳନ୍ତା ନିଶ୍ଚୟ। ବୋଉର ଶୋକବିଦୀର୍ଣ୍ଣ, ବିକଳ ମୁହଁକୁ ଅନୁମାନ କରି ବାବୁକୁ ସେ ଟେବୁଲ ଉପରେ ମୁଣ୍ଡ ରଖି କିଛିଟା ଆକ୍ରୋଶ ଭରା ଶାନ୍ତି ମିଳିଥିଲା।

ପୁଣି ଆଉଥରେ, ତା'ର ସପ୍ତମ ଶ୍ରେଣୀରେ, ବାବୁ ଯେତେବେଳେ କାହାକୁ କିଛି ନକହି ପ୍ରାୟ ଅଠେଇଶିଟା ଅଙ୍କ କ୍ଲାସ୍‌ରୁ ଗାଏବ ହେଇଯାଇଥିଲା, ଆଉ ତା' ସ୍କୁଲରୁ ଚିଠି ଆସିଥିଲା ବାପାଙ୍କ ପାଖକୁ, ଆଉ ତା' ବୋଉ ରାଗରେ, ଲଜ୍ଜାରେ ତା'କୁ 'ତୁ ବାହାରି ଯା ଏ ଘରୁ, ଅପଦାର୍ଥ' କହି କବାଟ କିଳି ଦେଇଥଲେ, ସେତେବେଳେ ବି ବାବୁ ଦାଣ୍ଡବାରଣ୍ଡାରେ ହାଫ୍‌ପ୍ୟାଣ୍ଟ୍ ପିନ୍ଧି, ଖାଲି ଦେହରେ, ଦିନ ଦଶଟା ବେଳର ଗହଳରାସ୍ତାକୁ ଚାହିଁ, ବିମୁଢ଼ ହୋଇ ଠିଆହୋଇ, ନିଜ ମରଣ କାମନା କରିଥିଲା; ଅଙ୍କ କ୍ଲାସରୁ ଫାଙ୍କିମାରିବାର ଅନୁତାପରେ ନୁହେଁ (କାରଣ ପରେ ଅଙ୍କ କ୍ଲାସ ବଙ୍କ୍ କରିବାର ଗୋଟିଏ ନୂଆ ଓ ନିରାପଦ ଫନ୍ଦି ସେ ବାହାରକରିଥିଲା), କେବଳ ବୋଉ ଉପରେ ତା'ର ବ୍ୟକ୍ତିଗତ ପ୍ରତିଶୋଧ ଲାଗି।

Source: Author, Digitized by PPRACHIN, SOA

ପ୍ରମୋସନ୍

ନବମ ଶ୍ରେଣୀରେ ବାବୁ ପୁଣି ଗଣିତରେ ଫେଲ୍ ହେଲା, ଯଦିଓ ପରୀକ୍ଷା ପୂର୍ବଦିନ ଆଉ ରେଜଲ୍ଟ ବାହାରିବାର ପୂର୍ବଦିନ, ଦୁଇଥର ଯାକ ସେ କାଳୀ ମନ୍ଦିର ଯାଇଥିଲା । କିନ୍ତୁ କାଳୀଙ୍କ ଆଖିକୁ ଅନେଇବାର ସତ୍‌ସାହସ ତା'ର ନଥିଲା, କାରଣ ପୂର୍ବବର୍ଷରୁ କାଳୀଙ୍କ ସାମ୍ନାରେ କରିଥିବା ହଜାରେ ପ୍ରତିଜ୍ଞା ଭିତରୁ ଗୋଟିଏବି ସେ ରଖି ପାରିନଥିଲା । ପାଦରେ ପମ୍ପ ସୁ, କପାଳରେ ଚନ୍ଦନ, ଆଉ ହାତରେ ପ୍ରମୋସନ୍ କାଗଜ ଧରି ହେଡ୍‌ମାଷ୍ଟର୍ ଯେତେବେଳେ ତା' କ୍ଲାସ୍ ଭିତରକୁ ପଶିଲେ, ସେତେବେଳେ ଏପ୍ରିଲ ମାସର ଖରାରେ ବି ବାବୁର ସାରାଦେହ ହଠାତ୍ ହେମାଳ ହେଇଗଲା । ଯଦିଓ ହେଡ୍‌ମାଷ୍ଟର ସବୁ ନାଁ ପଢିସାରି, କାଗଜକୁ ଟେବୁଲ୍ ଉପରେ ରଖି, ଦୁଇ ହାତରେ ତାଳି ମାରିବା ଆରଂଭ କରିଦେଇଥିଲେ । ସେ ତାଳି କ୍ରମଶଃ ବ୍ୟାପକ ହେଲା, ସ୍କୁଲଘର କାର୍ଣ୍ଣିସ୍ ଉପରୁ ମେଘରଂଗର ପାରାସବୁ ଉଡ଼ିଗଲେ ଆଉ ବାବୁ ସ୍କୁଲ, ପୃଥିବୀ, ଘର, କାଳୀ ମନ୍ଦିର, ଏ ସବୁରି ଉପରେଏକ ଅନ୍ତିମ ପ୍ରତିଶୋଧ ପାଇଁ, ଅତି ନିବିଡ଼ ଭାବରେ ନିଜର ମୃତ୍ୟୁ କାମନା କଲା ।

ସେ ଦେଖିଲା ନିଜ ବାପାଙ୍କ କୋଳରେ ହସିହସି

Source: Author, Digitized by PPRACHIN, SOA

ବସିଚି ଜିନି, ତା' ଭଉଣୀ, ଆଉ ତା' ହାତରେ ଅଛି ଅଂକରେ ଶହେରୁ ଶହେ ପାଇଥିବା ମାର୍କସିଟ୍, ଆଉ ତା' ବୋଉର ପାଦତଳେ ପଡ଼ିଚି ତା'ର ରକ୍ତାକ୍ତ ଶବ, ଯେମିତି ତାଙ୍କ ସ୍କୁଲର ବହିଦାରର ଶବ ଦେଖା ଯାଉଥିଲା କାର୍ ଆକ୍ସିଡେଂଟ ପରେ, ଆଉ ତା' ମାର୍କସିଟ୍ ଭିଜିଯାଇଛି ରକ୍ତରେ, କିଛି ପଢ଼ି ହେଉନି, ବୋଉ କାନ୍ଦୁଚି ଅଝୋର୍ ହୋଇ। ବାବୁର ଆତ୍ମା ବୋଉର ତିନି ଫୁଟ ଉପରେ ବୁଲୁଚି, କିନ୍ତୁ ସେ ବୋଉକୁ କିଛି ବୁଝେଇ ପାରୁନି, ଆଉ ନିଜେ ବି ଜାଣି ପାରୁନି ଯେ, ଏ ଅଚାନକ ବିବର୍ତ୍ତନରେ, ସେ ସୁଖୀ କି ଅସୁଖୀ।

ଠିକ୍ ସେତିକିବେଳେ, କିଛି ତୀର୍ଯ୍ୟକ୍ ହସର ସହିତ, ହେଡ୍‌ମାଷ୍ଟର ବାହାର କଲେ ଆଉ ଗୋଟିଏ ଲିଷ୍ଟ୍,ଯେଉଁଥିରେ ଗୋଟିଏ ବିଷୟରେ ଫେଲ ହେଲାପରେ ବି, ସହାନୁଭୂତି ଦେଖାଇ କିଛି ପିଲାଙ୍କୁ ପାସ୍‌କରାଇ ଦିଆଯାଉଥିଲା। ଆଉ ସେଥିରେ ବାବୁର ନାଁ ଥିଲା, ତା'ଙ୍କ ସାହି ଲଣ୍ଡ୍ରୀବାଲାର ପୁଅ ବୀର ସେଠୀର ନାଁ ତଳକୁ।ବାବୁ ବର୍ତ୍ତିଗଲା, ତେବେ ଏ ଲଜ୍ଜାର ଇତିହାସ ସେ ଭୁଲିପାରିନଥିଲା ଅନେକ ବର୍ଷ, ଯଦିଓ ତା'ର ବନ୍ଧୁତା କ୍ରମଶଃ ନିବିଡ଼ ହେଲା ବୀର ସେଠୀ ସହିତ, ଯିଏ ସେଇବର୍ଷ ଗ୍ରୀଷ୍ମଛୁଟିରେ ବାବୁକୁ ନଈପଠାକୁ ନେଇ ଦେଇଥିଲା ତା'ଜୀବନର ପ୍ରଥମ ସିଗ୍ରେଟ୍, ଆଉ ନିଜ ଦେହ ସହିତ ନିଜେ ଖେଳିବାର ସେଇ ଦୂରାରୋଗ୍ୟ ଅଭ୍ୟାସ।

Source: Author, Digitized by PPRACHIN, SOA

କଲେଜ୍

ତାର ଦୁଇବର୍ଷ ପରେ ବାବୁ କଲେଜ୍‌କୁ ଆସିଲା । କଲେଜ୍‌କୁ ଆସିବାର ଅର୍ଥହେଲା, ତା'ର ନୂଆ ସାଇକ୍ଲ କିଣାହେଲା (ବାପା ଆଶ୍ୱସ୍ତ ଯେ ତା'ଙ୍କ ସାଇକ୍ଲ ବଂଚିଗଲା), ହାଫ୍‌ପ୍ୟାଣ୍ଟ୍ ବଦଳରେ ଫୁଲ୍‌ପ୍ୟାଣ୍ଟ୍ ହେଲା (ସାନଭଉଣୀ ଏତେ ଜୋରରେ ହସିଲା, ଯେମିତି ବାବୁ ଗୋଟେ ଓରାଂଓଟାଂ), ନୂଆ ସେଫ୍ଟି ରେଜର୍ କିଣାଗଲା (ବାପା ପୁଣି ଆଶ୍ୱସ୍ତ), ଆଉ ବାବୁ ସାଇକ୍ଲ ଚଢ଼ି ଆସିଲା ସହରର ଏମିତି ଅଂଚଳକୁ ଯେଉଁଠିକି ଏପର୍ଯ୍ୟନ୍ତ ସେ' ତା ଜୀବନରେ କେବେ ଏକୁଟିଆ ଆସିନଥିଲା (ଖାଲି ବୋଉ ଯୋଗୁ) ।

ସେ ଆସି ଦେଖିଲା ଅନ୍ୟ ଏକ ପୃଥିବୀ । ତା' କଲେଜ ଥିଲା ବିଶାଳ ଆଉ ଲାଲ୍ ରଂଗର, ଯେମିତି ଏନ୍‌ସାଇକ୍ଲୋପେଡିଆ ବହିରେ ୟୁରୋପ୍‌ର କେଉଁ ବିଗତ ଶତାବ୍ଦୀର ଅଟ୍ଟାଳିକାର ଚିତ୍ର। ଏତେ ପ୍ରକାଣ୍ଡ ଯେ କଲେଜ ଛକରେ ଛୋଟକାଟ ଦୋକାନ ଭିତରେ ଗୋଟାଏ ଲାଲ୍ ଶୋଇଲା ତିମିମାଛ ପରି ଖାପ୍‌ଛଡା ଲାଗେ । କଲେଜ୍ ଆସି ବାବୁ ଦେଖିଲା, ଏଠି ସ୍କୁଲ ପରି ଗୋଟାଏ ରୁମ୍‌ରେ ବର୍ଷସାରା ବସିବାକୁ ପଡ଼େନି, ଯିବାକୁ ପଡ଼େ ଅଗଣିତ କକ୍ଷକୁ, ଆଉ

Source: Author, Digitized by PPRACHIN, SOA

ସବୁବେଳେ ନଗଲେ ବି ଚଳିବ। ଏମିତିକି ଘରକୁ ବି ଫେରିବା ଦରକାର ନାହିଁ, ପଶୁପକ୍ଷୀଙ୍କ ପରି ସଂଧ୍ୟା ହେଲାମାତ୍ରେ, ସହରର ରାସ୍ତା ଆଲୁଅ ଜଳିବା ପୂର୍ବରୁ। କଲେଜ୍ ଆସି ବାବୁ ପ୍ରଥମ ଥର ପାଇଁ ଶୁଣିଲା 'ପ୍ରକ୍ସି', ଦେଖିଲା ପ୍ରଥମଥର ପାଇଁ କଲେଜ୍ ଭିତରର ଚତୁଷ୍କୋଣ ବଗିଚାର ମଧ୍ୟବିନ୍ଦୁରେ ଥିବା ସୂର୍ଯ୍ୟଘଡି, ଶୁଙ୍ଘିଲା ପ୍ରଥମଥର ପାଇଁ କେମେଷ୍ଟ୍ରି ଲ୍ୟାବୋରେଟୋରୀ ପାଖରେ ଆମୋନିଆର ଉତ୍କଟ ଗନ୍ଧ, ପ୍ରଥମଥର ପାଇଁ ଚିହ୍ନିଲା କପର୍ ସଲ୍ଫେଟ୍‌ର ମନମୁଗ୍ଧକର ରଂଗକୁ। କଲେଜ ଆସି ବାବୁ ନେଖିଲା ଏଠି କ୍ଲାସ୍‌ପଛବେଂଚରେ ବସି ନିଷିଦ୍ଧ ବହି ପଢାଯାଇପାରେ, କବିତା ଲେଖିହୁଏ, ଆଉ କୌଣସି ଜୀବନ୍ତ ଝିଅର ଏତେପାଖରେ ଚଲାବୁଲା କରାଯାଇପାରେ।

Source: Author, Digitized by PPRACHIN, SOA

ଗୁପ୍ତରୋଗ

ଏତେସବୁ ହଲ୍‌ଚଲ୍ ଭିତରେ କିନ୍ତୁ ଯେଉଁ ଗୋଟିଏ କଥା, ଗୋଟିଏ ସ୍ଥିର ତୀର୍ଯ୍ୟକ ଆଲୋକଫଳକ ପରି ତା' ମନର ଅନ୍ଧାର ଭିତରେ ଭୂସି ହୋଇ ଯାଇଥିଲା, ତା' ହେଲା, ସେ ବୋଧହୁଏ ଚଂଚଳ ମରିଯିବ। ନା ଏକଥା ସେ କାହାକୁ କହିପାରୁଥିଲା ନା ଜାଣିପାରୁଥିଲା ସେ ଅଦ୍ଭୁତ ଭାବନାର କାରଣ। ଖାଲି ଗୋଟାଏ ଗୁପ୍ତରୋଗ ପରି ଏ ଭାବନା ବଢ଼ି ଚାଲିଥିଲା ତା' ଭିତରେ। ଯେ କୌଣସି ଛୋଟ ଘଟଣାରେ ସେ ବିକ୍ଷିପ୍ତ ହୋଇଯାଉଥିଲା, ଯେମିତି ତାଙ୍କ କଲେଜ୍ ମାଗାଜିନ୍‌ରେ, କଳା ମାର୍ଜିନ୍ ଭିତରେ ବାହାରିଥିଲା, କୌଣସି ମୃତଛାତ୍ରର ଚଷମାପିନ୍ଧା ଛବି, ଯିଏ ଅତ୍ୟନ୍ତ ମେଧାବୀ ଓ ଖେଳକୁଦ୍‌ରେ ଦକ୍ଷ ଥିଲା, ଆଉ ମରିଯାଇଥିଲା କାନ୍‌ପୁର ଆଇ.ଆଇ.ଟିକୁ ଯିବା ରାସ୍ତାରେ। ସେ ଛବି ଦେଖିଲା ମାତ୍ରେ ବାବୁର ଛାତି ଭିତର ଆଚମ୍‌କା ଶୂନ୍ୟ ହୋଇଗଲା,ଆଉ ସେ ହଠାତ୍ ଦେଖିଲା କଳାବର୍ଡ଼ର ଭିତରର ଶୋକାନ୍ତ ଛବିରେ ତା'ର ନିଜ ମୁହଁ (ବାବୁ ବି ଚଷମା ପିନ୍ଧେ)।

ସେମିତି ଥରେ କଲେଜରୁ ଫେରିବା ରାସ୍ତାରେ ଶୁଣିଲା, ମାରୱାଡ଼ିପଟ୍ଟୀରେ କୌଣସି ଘରରଦୁଇମହଲା କାର୍ଣ୍ଣିସ୍

Source: Author, Digitized by PPRACHIN, SOA

ଖସିପଡି ଜଣେ ଲୋକ ମରିଯାଇଚି । ବାବୁ ସେଠି ପହଂଚିଲା ବେଳକୁ ସେମାନେ ତା'କୁ ହସ୍ପିଟାଲ ନେଇଯାଇଚନ୍ତି (ତାଙ୍କ ସହରରେ ଅଧିକାଂଶ ସମୟରେ ମଲାଲୋକଙ୍କୁ ହସ୍ପିଟାଲ ନେଇଯାଆନ୍ତି) । ସେତେବେଳେ ମଧ ସଂଧ୍ୟା ହୋଇଆସୁଥିଲା । କିଛି ଲୋକ ଘଟଣା ଜାଗା ପାଖରେ କୁଣ୍ଡଳି କରି ଠିଆହୋଇଥିଲେ । ବାବୁ ଟିକେ ଦୂରରୁ ଦେଖିଲା, ଗଦାଏ ଇଟା ଆଉ ଚୁନସୁରୁକିର ଗୁଣ୍ଡ ପାଖରେ, ବେଶ୍ ପରିମାଣରେ ରକ୍ତ ଗଡ଼ିଯାଇଚି । ସେତେବେଳକୁ ରକ୍ତ ପ୍ରାୟ କଳା ପଡ଼ିଆସିଲାଣି । ସେ ତରତର ହୋଇ ଘରକୁଗଲା । ବାପା ଅଫିସ୍‌ରୁ ଫେରିନଥିଲେ । ସଂଧ୍ୟା ଯାଇ ରାତି ହେଲା । ବାପା ତଥାପି ଫେରି ନଥିଲେ । ସେ ଲୋକ କିଏ, ଯିଏ ମରିଯାଇଚି, କେହି କହି ପାରୁନଥିଲେ ବଜାରରେ । ବାପା ଫେରୁ ନଥିଲେ । ବାସ୍, ପ୍ରାୟ ରାତି ଦଶଟା ପର୍ଯ୍ୟନ୍ତ, ଟିଣ ଛାତ ଉପରେ ବିଲେଇ ପରି, ଛଟପଟ ହୋଇ ବୁଲୁଥିଲା ବାବୁ ଘରସାରା । କିଛି କହି ପାରୁନଥିଲା ସାନ ଭଉଣୀକୁ, ବୋଉକୁ ।

ରାତି ଦଶଟା ବେଳକୁ ବାପା ଫେରିଲେ ଆଉ ବାବୁକୁ ହଠାତ୍ ସେ ଶୀତଦିନ ରାତି, ବସଂତ ଋତୁ ପରିଲାଗିଲା । ସେ ନିଶ୍ଚିନ୍ତ ହୋଇ ଶୋଇ ପଡିଲା, ତା' ବୋଉ ପାଖରେ (ସାନ ଭଉଣୀ ତାକୁ ଯେତେ ମାଇଚିଆବୋଲି କହିଲେ ବି) । ତା' ପରଦିନ ବାବୁ ଖବର କାଗଜରୁ ପଢିଲା ଯେ ଗତକାଲିର ସେ ନାମହୀନ ବ୍ୟକ୍ତିସତରେ ଥିଲେ ନିଜେ ପ୍ରାଣକୃଷ୍ଣ ପଢିଆରୀ, ଯାହାଙ୍କ ନାଁରେ ପରେ ତାଙ୍କ ସହରର ପ୍ରଥମ ମ୍ୟୁନିସିପାଲ୍ ଲାଇବ୍ରେରୀ ହେଲା ଏବଂ ଯାହାର ପ୍ରଥମ ପରିଚାଳକ ଥିଲେ ଜଣେ ପ୍ୟାଣ୍ଟ୍‌ପିନ୍ଧା କାପାଳିକ ।

Source: Author, Digitized by PPRACHIN, SOA

ପ୍ରଳୟ

ସେମିତି ସେ ବର୍ଷ ଜୁଲାଇ ୧୪ରେ ପୃଥିବୀ ପ୍ରଳୟ ହେବାର ଘୋଷଣା। ଜ୍ୟୋତିଷମାନଙ୍କର ଭବିଷ୍ୟତବାଣୀ ବାହାରିଲା ପରେ, ତାଙ୍କ କଲେଜ ଇଉନିୟନବାଲା, ବିଶେଷ ବୈଠକ କରି, ସେ ଦିନକ ପାଇଁ ଛୁଟି ମାଗିଲେ ('କିଏ ଜାଣେ', କହିଲା ତାଙ୍କ ପ୍ରେସିଡେଂଟ୍ ବିଦ୍ୟାଧର, 'କାଲି, ଏଠି ଯୋଉଠି କଲେଜ ଅଛି, ତା'ଉପରେ ବଟପତ୍ରରେ ବିଷ୍ଣୁ ଭାସିବେ)। କିନ୍ତୁ ତାଙ୍କ ପ୍ରିନ୍ସିପାଲ୍ ମାନିଲେନି। ବାବୁକୁ ସେଦିନ ଏକ ଅଦ୍ଭୁତ, କରୁଣଶାନ୍ତି ଲାଗୁଥିଲା। ଯାହା ବୋଧହୁଏ ଥିଲା ତା'ର ସ୍ପର୍ଶକାତରତାର ଅନ୍ୟପାର୍ଶ୍ୱ। ସକାଳେ ତା' ବୋଉ ଠାକୁରଙ୍କଫଟ ସାମ୍ନାରେ ମଧୁମାଳତୀର ହାର ଗୁନ୍ଥୁଥିଲା ବେଳେ, ବାବୁ ତାଙ୍କୁ ପଛରୁ କୁଣ୍ଢେଇ ବସିପଡ଼ିଲା। ବୋଉକହିଲେ, ଆଜି କ'ଣ ସବୁ ଅମଂଗଳ କଥା ଶୁଣାଯାଉଚି, ତମେ ସମସ୍ତେ ଚଂଚଳ ଆସିବ। ତା ବାପା କହିଲେ, ଆଜି ଚକୁଳି ପିଠା ଆଉ ମାଂସ ତରକାରୀ କର।

ଆଜି ତ ଶେଷଦିନ। ବାବୁ ଛାତିଭିତର କ'ଣ ହେଇଗଲା। ସେ ବି ଭାବିଲା ଆଜି ଫେରି ଆସିବ ସୂର୍ଯ୍ୟାସ୍ତ ପୂର୍ବରୁ। ସେ ମନେମନେ ଭାବିଲା ରାତି କେତଟାରେ ସେ

Source: Author, Digitized by PPRACHIN, SOA

ମୁହୂର୍ତ୍ତ ଆସିଲା ବେଳକୁ, ବୋଉ ଯେମିତି ତା' ଆଡ଼କୁ ମୁହଁ କରି ଶୋଇଥିବ। ତାକୁ ଲାଗିଲା ପ୍ରଳୟ ମାନେ, ଲାଇଟ୍ ଚାଲିଯିବ, ସହରର ଶୁନ୍‌ଶାନ୍ ରାସ୍ତାଭିତରକୁ କାଠଯୋଡ଼ି ବହିଆସିବ, ଆକାଶରେ ଚାରିମେଘ ଠୁଳହେବେ (ଏ'ଟା ବାବୁ ସିଧା କୃଷ୍ଣଜନ୍ମ ଅପେରାରୁ ଆଣିଲା) ତାଙ୍କ ଶୋଇବା ଖଟ ଉପରେ ସମୁଦ୍ର ବହିବ, ବାପା ବୋଉ ସେ ଆଉ ତା' ସାନ ଭଉଣୀ ଏକା ସାଙ୍ଗରେ ଶୋଇଥିବେ (ବୋଉ ଯେମିତି ମୁହଁ କରିଥିବ ତା' ଆଡକୁ) ଆଉ ପ୍ରଳୟ ହୋଇଯିବ।

ଅଦ୍ଭୁତ ଶାନ୍ତି ଥିଲା ତା' ମନରେ ତା' ନିଜ ପାଇଁ। କେବଳ ସେ ନୁହେଁ, ତା' ପାଇଁ ନୁହେଁ, ସବୁକିଛି ପାଇଁ ଆଜି ଶେଷଦିନ। କଲେଜର ସୂର୍ଯ୍ୟଘଡ଼ିକୁ ଚାହିଁ ଭାବିଲା କାଲିକୁ ସୂର୍ଯ୍ୟ ନଥିବ। ସଂଧ୍ୟା ପୂର୍ବରୁ କାଠଯୋଡ଼ିକୂଳକୁ ଗଲା, ଯେଉଁଠି ସେ ଦୂରରୁ ଶ୍ମଶାନ ଦେଖେ, ଆଉ ଭାବିଲା କାଲି ଶ୍ମଶାନ ବି ସରିଯିବ। ସେତିକିବେଳେ, ସେ ଦେଖିଲା ନଈକୂଳର ସେ ବିରାଟ ପୁରୁଣା ଘରର ଗେଟ୍ ପାଖରେ ଠିଆ ହୋଇଥିବା, ଈଷତ୍ ପୃଥୁଳା, ଫ୍ରକ୍‌ପିନ୍ଧା ସେଇ ଅନ୍ୟ ଭାଷାଭାଷୀ ଝିଅକୁ, ଯାହାକୁ ସେ ପ୍ରାୟ ନବମଶ୍ରେଣୀରୁ ଦେଖି ଆସୁଥିଲା। ସେ ଝିଅର ପାଦ ପାଖରେ ଗୋଟିଏ କଳାଧଳା, କୁକୁର ଲାଂଜ ହଲାଉଥିଲା। ବାବୁ ସେ ଝିଅର ବିଲୋମ ଗୋଡ଼ଆଉ ଭରପୂର ଦେହକୁ ଦେଖିଲା, ରାସ୍ତା ଆରପଟୁ। ସେତେବେଳେ ବାବୁର ମନରେ ପୃଥିବୀର ଶେଷସୂର୍ଯ୍ୟ ଅସ୍ତଯାଉଥିଲା। ବାବୁର ହଠାତ୍ ସେ ଝିଅ ପାଇଁ ଏକ ଅସ୍ପଷ୍ଟ କିନ୍ତୁ ତୀବ୍ର ଯୌନ ଆବେଗ ହେଲା। ଯେମିତି ପୃଥିବୀରଏଇ ଶେଷ ମୁହୂର୍ତ୍ତରେ, ବାବୁ ସେ ଝିଅର ସବୁକିଛି ଏକାନ୍ତରେ ଦେଖିବାକୁ ଚାହେଁ। କିନ୍ତୁ ବେଳ ନ ଥିଲା। ଘରେ ପହଂଚି ମାଂସ ତରକାରୀ ବାସ୍ନାରେ ବାବୁ

Source: Author, Digitized by PPRACHIN, SOA

ସେ ଝିଅ କଥା ଭୁଲିଗଲା। ବାପା ସବୁଦିନ ପରି ଡେରିରେ ଆସିଲେ,ସବୁଦିନ ପରି ଡେରିରେ ଶୋଇଲେ, ପ୍ରଳୟର ଆତଙ୍କିତ ମୁହୂର୍ତ୍ତରେ ବିନାକା ଗୀତ୍‌ମାଲା ବାଜୁଥିଲା ଓ ତା'ପରଦିନ ବାବୁ ଯଥାରୀତି କଲେଜ ଯାଇ ଡାଇରେକ୍ଟ ଓ ଇନ୍‌ଡ଼ାଇରେକ୍ଟ ଟ୍ୟାକ୍ସେସନ୍ ଉପରେ ଗୋଟିଏ ବିରାଟବୋରିଂ ଟ୍ୟୁଟୋରିଆଲ୍ କ୍ଲାସ୍‌ରେ ବସିଥିଲା।

Source: Author, Digitized by PPRACHIN, SOA

ନିର୍ମମ ଏପ୍ରିଲ୍

ତଥାପି ବାବୁ ଭାବୁଥିଲା, ସେ ଚଂଚଳ ମରିଯିବ। ଏକଥା ତା'ର ବେଶୀ ମନେ ପଡୁଥିଲା ଏପ୍ରିଲ୍‌ମାସରେ, ଯେତେବେଳେ ସବୁବର୍ଷ ପରୀକ୍ଷା ଆସେ। ବର୍ଷର ଅନ୍ୟସବୁ ମାସ, ଅନ୍ୟସବୁ ଦିନରାତି, ପ୍ରଜାପତିର ଡେଣାପରି ଭାସିଯା'ନ୍ତି। କିନ୍ତୁ ଏପ୍ରିଲ୍ ମାସର ରାତି, ଗୋଟିଏ କରୁଣ ନୀଳଶାଢ଼ି ପିନ୍ଧି, ବାବୁର ପଢ଼ା ଟେବୁଲର ଆରପଟେ ବସେ ରାତିସାରା। ରାତିସାରା ବାବୁ ପ୍ରାଣାନ୍ତକ ହୋଇ ପଢ଼େ। ଟେବ୍‌ଲ୍‌ଲ୍ୟାମ୍ପର ଉଜ୍ଜ୍ୱଳ ପରିଧିଭିତରେ, ଅଜସ୍ର କଳା ଅକ୍ଷରର ପୁଞ୍ଜ ଭିତରୁ, ହବସ୍ ଲକ୍ ଆଉ ରଷୋ, ବାବୁ ଉପରେ ବର୍ଷସାରାର ପ୍ରତିଶୋଧନିଅନ୍ତି। ବାବୁର ଭୟଙ୍କର ରାଗହୁଏ ସେ ମୂଢ଼ଲୋକଙ୍କ ଉପରେ, ଯେଉଁମାନେ ପରୀକ୍ଷାର ତାରିଖ ପକେଇ ଏ ଜୀବନ୍ତ କୃଷ୍ଣଚୂଡ଼ାର ରତୁକୁ ପ୍ରତିବର୍ଷ ମାରିଦିଅନ୍ତି। ବାବୁ ଭାବେ ଇଲିଅଟ୍ ବୋଧହୁଏ ଏଇଥିପାଇଁ କହୁଥିଲେ, ନିର୍ମମ ଏପ୍ରିଲ୍।

ବାବୁ ପୁଣି ବହି ଉପରେ ମୁଣ୍ଡ ଟେକି, ଟେବୁଲ ଆରପଟେ ବସିଥିବା ଏପ୍ରିଲ୍‌ର ନୀଳରାତିକୁ ଦେଖେ। କୋମଳ ମସୃଣ ରାତି ତା'କୁ ତା' ସାନ ଭଉଣୀର ସାଂଗ ଫରିଦାର ଆଖିପରି ଦେଖାଯାଏ। ତା'ର ଇକୋନୋମିକ୍ସର ରିଭିଜନ୍

Source: Author, Digitized by PPRACHIN, SOA

ବାକିଥାଏ। ରାତିବଢ଼େ। ରାସ୍ତାର ସବୁ ଶବ୍ଦ ମରିଯାଆନ୍ତି। ବୋଉ ବି ଥରେ ଦି'ଥର ତାକୁ ଡାକି ଶୋଇପଡ଼େ ଘର ଭିତରେ। ନଈକୂଳର ପବନ ସବୁ ପଶିଆସନ୍ତି ସହର ଭିତରକୁ ନିର୍ବିଘ୍ନରେ। ବାବୁକୁ ସେତେବେଳେ ସବୁକିଛି ଭଲଲାଗେ, ତାକୁ ଅଗଣାର ମଧୁମାଳତୀର ଗନ୍ଧ ଆହୁରି ସାନ୍ଦ୍ର, ଆହୁରି ମିଠାଲାଗେ। ତାର ମନେହୁଏ ଏ ରାତି ଅସରନ୍ତି। ସେ ନିଶ୍ଚିନ୍ତ ହୋଇ, ବହି ଉପରେ ମୁଣ୍ଡ ରଖି, 'ଜାହାନାରା' ସିନେମାର ଗୀତସବୁ ମନେ ପକାଏ। ତାର ବୁଜି ହୋଇଥିବା ଆଖି ଭିତରେ ଦୃଶ୍ୟ ବଦଳିଯାଏ।

Source: Author, Digitized by PPRACHIN, SOA

ସାନ୍ଧ୍ୟୋତ୍ସବ

ବାବୁ ଦେଖେ ଯେ ତାଙ୍କ କଲେଜ୍ ଭିତରର ଚତୁଷ୍କୋଣ ବଗିଚାରେ (ଯାହା ମଝିରେ ସୂର୍ଯ୍ୟଘଡ଼ି ଅଛି)ଏକ ସାନ୍ଧ୍ୟୋତ୍ସବ ଚାଲିଛି। ସୂର୍ଯ୍ୟାସ୍ତ ପରର ଏକ ବିରାଟ ଟି ପାର୍ଟି। ସୂର୍ଯ୍ୟ ନାହିଁ, କିନ୍ତୁ ଆକାଶ ତଥାପି ରକ୍ତାରୁଣ,ଆଉ ଚାରିପଟର ଇଟାରଂଗର ଅଟ୍ଟାଳିକାରୁ ପ୍ରତିଫଳିତ ଆଲୁଅରେ, ସେ ପ୍ରାଙ୍ଗଣ ଭିତରେ ଏକ ଗାଢ଼ ଗୋଲାପୀ ରଂଗର ରୋଷଣୀ ସୃଷ୍ଟି ହୋଇଛି। ସେ ରୋଷଣୀ ଉତ୍କଟ ନୁହେଁ ବରଂଚ ମଳିନ, କାରଣ ସେଥିରେ ମିଶିଯାଇଚି ସହରର ଧୂଳି ଆଉ ଧୂଆଁ। ଆଉ ଅଜସ୍ର ଚଢେଇଙ୍କ କିଚିରିମିଚିରି। ସଂଧ୍ୟା ପ୍ରାୟ ଆସିଲାବୋଲି। ପ୍ରାଙ୍ଗଣ ବି ଖୁବ୍ ପରିଷ୍କାର ନୁହେଁ, ସେଠି ଘାସ ଉପରେ ବିପର୍ଯ୍ୟସ୍ତ ହୋଇ ପଡ଼ିଚି ସିଗ୍ରେଟ ଖୋଳ, ଜରି ଆଉ ଛିଣ୍ଡା କାଗଜ। ସେଇ ବଗିଚା ଭିତରେ ତଥାପି ସଜା ହୋଇଚି ଧଳା ଚାଦର ବିଛା ଟେବୁଲ ସବୁ, ଯାହାଉପରେ ଅଛି ଚା' ଆଉ ଜଳଖିଆର ସରଞ୍ଜାମ। ପ୍ରତି ଟେବୁଲ୍‌ରେ ଅଛି ଫୁଲଦାନୀ ଆଉ ପୁଷ୍ପଗୁଚ୍ଛ, ଆଉ ଟେବୁଲ୍ ଚାରିପଟେ ଧଳା ପ୍ଲାଷ୍ଟିକ୍‌ର ଚେୟାର, ଯାହା ଉପରେ ଚିହ୍ନାଜଣା ପୁରୁଷ ଓ ସ୍ତ୍ରୀ ବସିଛନ୍ତି କି ପାଖାପାଖି ଛିଡ଼ାହୋଇ ଚା' ଖାଉଚନ୍ତି। ସେଠି ତ ନୁହେଁ, ଦୂରରୁ, କି

Source: Author, Digitized by PPRACHIN, SOA

କଲେଜ୍‌ଛକରୁ ବୋଧହୁଏ 'ଜାହାନାରା' ସିନେମାର ଗୀତବାଜୁଚି ଅସ୍ପଷ୍ଟ ହୋଇ। ବାବୁ ପ୍ରଥମେ ଖୁସି ହୋଇ, ତା' ପରେ କିଛିଟା ଅପ୍ରତିଭ ହୋଇ, ଓ ତା' ପରେ ବିଷଣ୍ଣ ହୋଇ ବୁଲୁଚି ସେ ପ୍ରାଙ୍ଗଣ ଭିତରେ, କାରଣ ତାକୁ କେହି ଜଣେ ବୋଲି ଚିହ୍ନୁନାହାନ୍ତି। ଏମିତିକି ତା'ସାନଭଉଣୀର ସାଙ୍ଗ ଫରିଦା ବି, ଯିଏ ତା'ର ସାବନା ରଂଗର ଦେହରେ ଏତେ ଗାଢ଼ନୀଳ ରଂଗର ଶାଢ଼ି କେମିତି ମ୍ୟାନେଜ୍ କରିଚି କେଜାଣି !

Source: Author, Digitized by PPRACHIN, SOA

ମୃତ ଛାତ୍ରର ଶତବାର୍ଷିକୀ

ଏମିତି ଦୋ'ଦୋ'ପାଂଚ ବାବୁର ପିଠିରେ ହଠାତ୍ ଧଡାସ୍ କରି କିଏ ଏତେ ଜୋର୍‌ରେ ମାରିଲା କୁହତ ? ବାବୁ ଆହୁରି ବେଶି ଚମକିଲା ସେ ଲୋକକୁ ଚିହ୍ନପାରି, ଯେତେବେଳେ ସେ ତା'ର ହାତ ଧରି ଟାଣିନେଲା ଗୋଟେ କଣିକିଆ ଟେବୁଲ୍ ପାଖକୁ ଯେଉଁଠି ଅଂଧାର ହୋଇ ଆସୁଥିଲା, ଆଲୁଅ ତଥାପି ଜଳି ନଥିଲା, ଆଉବେଶ୍ କିଛି ଅଚିହ୍ନା ଲୋକ ରୁଣ୍ଡ ହୋଇଥିଲେ। ବାବୁ ଦେଖିଲା ଯେ ସେ ଲୋକନାଥ, ଯିଏ ଗତବର୍ଷ ଇକୋନୋମିକ୍ସ ଅନର୍ସ ପଢୁଥିଲା, ଭାଇସ୍ ପ୍ରେସିଡେଂଟ ହୋଇଥିଲା, ଆଉ ଷ୍ଟେସନ୍ ପାଖକୁ ସିଗ୍ରେଟ୍ କିଣିବାକୁଯାଇ, ହଠାତ୍ ଟ୍ରେନ୍ ତଳେ ସୁଇସାଇଡ୍ କରିଦେଲା, କେହି କିଛି ବୁଝିବା ପୂର୍ବରୁ। ବାବୁ ଅବଶ୍ୟ ଶବଦାହ ଲାଗିଶ୍ମଶାନ ଯାଇ ନଥିଲା (ବୋଉ ମନା କରିବାରୁ), କିନ୍ତୁ ସେ ତା' ପରଦିନ ଶୋକସଭାରେ ଯୋଗ ଦେଇଥିଲା କଲେଜ୍ ହଲ୍‌ରେ ଏବଂ ବାରନ୍ଦାରେ ଲୋକନାଥର ବାପାକୁ ପ୍ରଥମଥର ପାଇଁ ଦେଖିଥିଲା, ଯିଏ ବେଶ୍ ସ୍ୱାଭାବିକ ଭାବରେ ପ୍ରିନ୍ସିପାଲ୍‌ଙ୍କ ସହିତ କଥା ହେଉଥିଲେ। ସେ ଦିନ କଲେଜ୍ ଛୁଟି ହୋଇ ଯାଇଥିଲା, ଆଉ ବାବୁ ଓ କିଛିସାଙ୍ଗ ଟ୍ରେନ୍‌ରେ ବିନା

Source: Author, Digitized by PPRACHIN, SOA

ଟିକେଟରେ ମଂଚେଶ୍ୱର ପର୍ଯ୍ୟନ୍ତ ଯାଇ ବିନା ଟିକେଟ୍‌ରେ ଫେରି ଆସିଲେ, ଲୋକନାଥ ବିଷୟରେ କଥା କହିକହି।

ତେଣୁ ଲୋକନାଥ ତା' ଟେବୁଲ୍ ପାଖରେ ବାବୁର ବିସ୍ମୟ ବୁଝିପାରିଲା ଓ ସେ ଚିତ୍କାର କରିବା ପୂର୍ବରୁ,ତା' ପିଠିରେ ପୁଣି ଥରେ ଧଡାମ୍ କରି ମାରି, କାନ ପାଖରେ ଚାପାଗଳାରେ ବୁଝାଇ କହିଲା ଯେ, ଏଇଟା କଲେଜର ଶତବାର୍ଷିକୀ ଉତ୍ସବର ଆରଂଭ ଓ ଏଠିକି କଲେଜ୍‌ର ଶହେ ବର୍ଷର ସବୁ ମଲା ଛାତ୍ର କି ଶିକ୍ଷକମାନେ ବି ଆସିପାରନ୍ତି, ଏଥିରେ ବିବ୍ରତ ହେବାର କିଛିନାହିଁ। କାହିଁକି ଦେଖୁନ୍ତୁ, ଯେଉଁ ଟେବୁଲ୍‌ରେ ମଲା ଲୋକମାନେ ବସିଚନ୍ତି, ସେଠି କଳାଗୋଲାପର ଗୁଚ୍ଛ ଫୁଲଦାନୀରେ ଚିହ୍ନଟ କରିବା ପାଇଁ ରଖା ହୋଇଚି। ବାବୁ ତାଙ୍କ ଟେବୁଲ୍‌ର କଳା ଗୋଲାପ ସବୁକୁ ଦେଖିଲା। ସେ ଅପରିଣତ ଅନ୍ଧାରରେ ସେମାନେ ତଥାପି ଦେଖା ଯାଉଥିଲେ। ଲୋକନାଥ ତା' ହାତଧରି, ଅଳ୍ପ ହସି କହିଲା, 'ବାବୁ ତୁ ବି କ'ଣ ଆଉ ବଂଚିଚୁ।' ବାବୁର ନିଦ ଭାଙ୍ଗିଗଲା। ସେ ପଢା ଟେବୁଲ୍ ଛାଡ଼ି ଉଠି ପଡିଲା, କେହି କୁଆଡ଼େ ନଥିଲେ, ତେଣୁ ପ୍ରାୟ ସାଙ୍ଗେ ସାଙ୍ଗେ ବୋଉ ପାଖରେ ଯାଇ ଶୋଇପଡ଼ିଲା।

ଯଦିଓ ସେ ତା'ପରଦିନ ବୁଝିପାରିଥିଲା ଯେ ଗତରାତିର ଘଟଣାଟି ଥିଲା ଏକ ଅସାବଲୀକ ସ୍ୱପ୍ନ, ତଥାପି ବାବୁକୁ ଲାଗିଲା ତା'ର ବଂଚିବାର ଦୈନନ୍ଦିନତା ଭିତରେ, ତା'ର ଅକାଳ ମୃତ୍ୟୁ ଲାଗି ଏକ ଅସ୍ପଷ୍ଟ କିନ୍ତୁ ଦୁର୍ବାର ଚକ୍ରାନ୍ତ ଯେମିତି ବଢିବାରେ ଲାଗିଚି। ଅବଶ୍ୟ ଏମିତି ଚକ୍ରାନ୍ତ ପଛରେ କୌଣସି ଘଟଣା ବା ବ୍ୟକ୍ତି ବିଶେଷ ଥାଇ ପାରନ୍ତି, ଏ ସନ୍ଦେହ ବାବୁର ନଥିଲା। କାରଣ ପ୍ରେମ ଜନିତ ଈର୍ଷା ଓ ଶତ୍ରୁତା ଆସିବା

Source: Author, Digitized by PPRACHIN, SOA

ପାଇଁ ଜୀବନରେ ଆଉ ଦଶ ପନ୍ଦର ବର୍ଷ ବାକିଥିଲା। ତା' ଛଡ଼ା ଚଷମା ଭାଙ୍ଗିଯିବ ବୋଲି ପ୍ରାୟ ସେ ଗଣ୍ଡଗୋଳରେ ପଶେନି। ଆଉ ବୀର ସେଠୀ ସହିତ ବଂଧୁତା ତାକୁ ଆଣି ଦେଇଥିଲା ଯଥେଷ୍ଟ ସହରୀ ସଂରକ୍ଷଣ।

ଏପ୍ରିଲ୍ ମାସକୁ ରକ୍ତାକ୍ତ କରି ବାବୁର ପ୍ରଥମ ବର୍ଷର ପରୀକ୍ଷା ସରିଲା। ମେ' ଆଉ ଜୁନ୍ ମାସର ନିର୍ମମ ଖରାରେ ବାବୁ ତା'ର ନୂଆ ସାଇକ୍ଲରେ ସହର ସାରା ବୁଲିଲା। ବୀର ସେଠୀ (ସେ ଅବଶ୍ୟ କଲେଜ୍‌ରେ ପଢୁନଥିଲା) ସାଂଗେ ଥରେଅଧେ ନଈପଠାକୁ ଗଲା। ଗ୍ରୀଷ୍ମ ଛୁଟିର ତାତିଲା କଲେଜ୍ ବାରନ୍ଦାରେ ଏକୁଟିଆ ବୁଲି ଜୁଲାଇ ମାସରେ ମେଘକୁ ମନେମନେ ଖୋଜିଲା। ଆଉ ରାତିରେ ବୋଉକୁ କୁଣ୍ଢେଇ ଭାବିଲା ଯେ ବୋଉ କୋଳରେ ଏ ମୁହୂର୍ତ୍ତକୁ ସ୍ଥାୟୀ କରିହେବ କି ନା ?

Source: Author, Digitized by PPRACHIN, SOA

ଡାଏଲ୍ ଭିତରେ ମୃତ୍ୟୁ

ସ୍ଥାୟୀ ହୁଏତ କରି ହେଇଥାନ୍ତା, କିନ୍ତୁ ବାବୁର ଶତ୍ରୁ ଥିଲା ଘଂଟା । ତାଙ୍କ ଘରେ ଗୋଟେ ଜେଜେମା'ଙ୍କ କାନ୍ଥଘଡ଼ି ଥିଲା, ଯାହାର ପେଣ୍ଡୁଲମ୍ ସ୍ଥିର ହୋଇଯାଇଥିଲେ ବି ଘଂଟା ଓ ମିନିଟ୍ କଂଟା ଚାଲୁଥିଲେ ସୂର୍ଯ୍ୟଙ୍କ ଘୋଡ଼ା ପରି ଅନବରତ । ପୁଣି ବାବୁ ପାଖରେ ଥିଲା, ବାପା କଲିକତାରୁ ଆଣି ଦେଇଥିବା ଛୋଟ ଟେବୁଲ୍ କ୍ଲକ୍ ଯାହା ପୁରୁଣା ହୋଇ ଯାଇଥିଲା, ଉପରର କେତେ ଜାଗାରୁ କଲେଇ ଛାଡି ଯାଇଥିଲା, କାନ୍ଥ ଘଣ୍ଟାର ଟକ୍‌ଟକ୍ ବି ତା'ପାଖେ ନଥିଲା । ତା'ର ସଂପୂର୍ଣ୍ଣ ନିଶବ୍ଦ ରେଡିୟମ୍ ଡାଏଲ୍, ରାତିରେ ତା' ପାଖେ ପଢା ଟେବୁଲ୍ ଉପରେ ବିଲେଇର ଆଖିପରି ଜଳୁଥିଲା,ଆଉ ଲମ୍ବା ସେକେଣ୍ଡ କଂଟାଟିଏ ଗୋଟିଏ ଦରଭଙ୍ଗା ଉଇଣ୍ଡମିଲ୍‌ର ଏକୁଟିଆ ହାତପରି ନନ୍‌ଷ୍ଟପ୍ ଚାଲୁଥିଲା କେଉଁ ଅଦୃଶ୍ୟ ପବନରେ । ଆତଙ୍କିତ ବାବୁ ସେମାନଙ୍କୁ ବହୁତ ସମୟ ଏକାଦିକ୍ରମେ ଅନେଇ ପାରୁନଥିଲା । ଭାବୁଥିଲା ଏମାନଙ୍କ ଅବିଶ୍ରାନ୍ତ ଚାଲିବା ଭିତରେ କେତେ କାଳ କାଳାନ୍ତର ନିଶ୍ଚିହ୍ନ ହୋଇଗଲାଣି । ଆଉ ସବୁ ମୁହୂର୍ତ୍ତରେ ଛଣକଟା କଳ ଭିତରୁ କୁଟାର ଅଂଶ ସବୁ ଠିକିରି ପଡିଲା ପରି, ଘଂଟା ଚାରିପଟେ କେତେ ମୃତ ଲିତା

Source: Author, Digitized by PPRACHIN, SOA

ବିଲିତାଙ୍କ ଶବ ଛିଂଚାଡ଼ି ହୋଇ ପଡୁଚି । ଯେମିତି ପ୍ରତ୍ୟେକଟି ବିତି ଯାଉଥିବା ମୁହୂର୍ତ୍ତ ତା'ର ମୃତ୍ୟୁ ବା ଅନ୍ୟ କୌଣସି ଦୁର୍ଘଣାକୁ ଆହୁରି ପାଖକୁ ଟାଣି ଆଣୁଚି । ବାବୁ ରାତି ଅଧରେ ପଢୁପଢୁ ତା' ଟେବୁଲ୍ କ୍ଲକ୍ ଉପରେ ରୁମାଲ ଘୋଡ଼େଇ ଦିଏ । ବେଶି ଛଟପଟ ଲାଗିଲେ ତା' ବୋଉ କୋଳରେ ମୁହଁଗୁଞ୍ଜି ଶୋଇପଡ଼େ । ସେଇ ଏକମାତ୍ର ଜାଗା ଯେଉଁଠି ତା' ମରଣ ବି ତାକୁ ସ୍ନିଗ୍ଧ ଲାଗେ ।

Source: Author, Digitized by PPRACHIN, SOA

ମନବୋଧ ଚଉତିଶା

କଲେଜ୍‌ରେ ଦ୍ୱିତୀୟ ବର୍ଷ ଅଧା ହୋଇଯାଇଥାଏ । କ୍ରୀସ୍‌ମାସ ଛୁଟିରେ, ଧୁଡୁମ୍ ଭାଇ ବାବୁକୁ ଆଉ ତା' ସାଙ୍ଗ ହରକୁ ଦିନେ ପୁରୀ ନେଇଗଲେ । ଫେରିଲା ବେଳକୁ ବେଶ୍ ରାତି ହୋଇଯାଇଥିଲା । ଆକାଶସାରା ଶୀତଦିନର ମେଘ ଆଉ ବିଜୁଳି । ଧୁଡୁମ୍ ଭାଇଙ୍କର ଗୋଟିଏ ଦୁଇକବାଟ ବାଲା ଷ୍ଟାଣ୍ଡାର୍ଡ ଗାଡ଼ି ଥାଏ । ଆଗରେ ସେ ଆଉ ହର ବସିଥା'ନ୍ତି । ପଛରେ ଶୀତରେ କୁଙ୍କୁରି ହୋଇ ବାବୁ । ରାତି ଏଗାରଟାରୁ ବେଶୀ ହେଲାଣି । ସିଗ୍ରେଟ୍ ଖୋଜି ଧୁଡୁମ୍ ଭାଇ କୌଣସି ଗାଁ ପାଖ ଲଣ୍ଠନ୍‌ଲଗା ଦୋକାନ ପାଖରେ ଗାଡ଼ି ରଖିଲେ । ସେଠିକାର ଅଂଧାରୁଆ ଚଉପାଠୀରେ କିଛି ଲୋକ ଖଂଜଣି ଧରି ଗାଉଥିଲେ 'ଖଣ୍ଡି ଯେ ଖଣ୍ଡି ତୋ'ର ପଞ୍ଜରା କାଠି' । ଗାଡି ଚାଲିଲା । ଦୁଇକଡ଼େ କେବଳ ଅନ୍ଧାର । ଆକାଶ ତ ଆରମ୍ଭରୁ ମେଘାଛନ୍ନ । 'ଖାଉଣ ଥିବେ ଶ୍ୱାନ ଶୃଗାଳ ବାଂଟି ଯେ' ଧାଡ଼ିଟି ଧିରେ ଧିରେ ଅସ୍ପଷ୍ଟ ହୋଇଗଲା । ଧୁଡୁମ୍ ଭାଇ ଯିଏ ପୁରୀରୁ ବାହାରିଲା ବେଳକୁ ଦୁଇ ବୋତଲ୍ ବିଅର୍ ପିଇଥିଲେ, ଏଥର ନିଜେ ଗାଇଲେ 'ଘଟ ଛୁଟିଲେ ତୋତେ ବୋଲିବେ ଭୂତ ଯେ' । ଭୂତ ଶବ୍ଦ ଶୁଣି ପଛରେ ବାବୁ ଚମକି ପଡିଲା ଆଉ

Source: Author, Digitized by PPRACHIN, SOA

ବୋଉଠୁ ଶିଖିଥିବା ଅଭ୍ୟାସରୁ ଛାତିରେ ଅଙ୍କ ଛେପ ପକାଇଦେଲା। ଧୁଡୁମ୍ ଭାଇ ଗୋଟେ ରୁକ୍ଷ ହସି ହସି କହିଲେ, 'ବୁଝିଲ ବାବୁ, ଘର ଘରଣୀ ଦେହ କିଳଉଥିବ।' ହର ଚୁପ୍‌କିନା ବସିଥାଏ। ବାବୁ ଜାଣି ନଥିଲା ଧୁଡୁମ୍ ଭାଇଙ୍କର ନିକଟରେ ବିବାହ ବିଚ୍ଛେଦ ହେଇଚି ବୋଲି। ଏତିକି ବେଳେ ବୋଧହୁଏ ଅନ୍ଧାରକୁ ଆହୁରି ବିଭତ୍ସ କରି ମେଘ ଫାଙ୍କରୁ ଟିକେ ଜହ୍ନ ପଡ଼ିଲା। ବାବୁକୁ ଲାଗିଲା ଗଛ ପାଖରେ ଯେମିତି ମନବୋଧ ଚଉତିଶାର କଂକାଳଟିଏ ଛିଡ଼ାହୋଇ, ତା' ଆଡ଼କୁ ଅନାଇ ହସୁଚି। କଂକାଳର ଆଉ ହସକାନ୍ଦ କ'ଣ ? କେବଳ ଦୁଇପାଟି ଦାନ୍ତ ତ। ବାବୁ ଭାବିଲା ଗୋଟିଏ ଖପୁରୀ ଆଉ ଦୁଇପାଟି ଦାନ୍ତ ହେବା ପାଇଁ ତା'ର ଆଉ କେତେଦିନ ବାକି ରହିଲା।

Source: Author, Digitized by PPRACHIN, SOA

ଆଲୋକର ଗତିବେଗ

ବାବୁ ଏଇ ଅଚାନକ ମରଣରୁ ଅବ୍ୟାହତି ପାଇଁ ବାଟ ଖୋଜୁ ନଥିଲା ବୋଲି ନୁହେଁ। ତା'ର ଅବଶ୍ୟ ପୁନର୍ଜନ୍ମ ଥିଓରି ଉପରେ ବିଶେଷ ଭରସା ନଥିଲା। ସେ ଯେତେବେଳେ ତା'ର ପିଜିକ୍ସ ପଢୁଥିବା ସାଙ୍ଗ ଦ୍ୱୀପନ ଘୋଷ ପାଖରୁ ଶୁଣିଲା ଯେ ତାରାମାନେ ବି ମରିଯାନ୍ତି, ଆଉ ଯେଉଁସବୁ ତାରାମାନଙ୍କୁ ଆମେ ଆକାଶରେ ଦେଖୁଛେ, ସେମାନେ ହଜାର ହଜାର ବର୍ଷ ତଳେ ମରିଯାଇ ପାରିଥାନ୍ତି, କିନ୍ତୁ ତାଙ୍କ ଆଲୁଅ ଆମ ପାଖରେ ପହଂଚିବାକୁ ଏମିତି ଡେରି ହୋଇଚି ବୋଲି, ଆମେ ତାଙ୍କୁ ଦେଖି ପାରୁଚୁ, ସେ ହକାବକା ହୋଇଗଲା। ଦ୍ୱୀପନ କହିଲା ବାବର୍ କି ଆକ୍‌ବର୍ କିମ୍ବା ସେଲିମ୍ କି ଅନାର୍‌କଲିଙ୍କ (ବାବୁ ମୋଗଲ୍-ଏ-ଆଜମ୍ ତିନିଥର ଦେଖିଚି, ଖାଲି ପ୍ୟାର୍ କିୟା ତୋ ଡର୍‌ନା କ୍ୟା ଗୀତପାଇଁ।) ଦେହର ଆଲୁଅ ବର୍ତ୍ତମାନ ପାଇଁ ଯେଉଁ ଦୂର ଗ୍ରହ କି ତାରାରେ ପହଂଚୁଥିବ, ତାଙ୍କ ପାଇଁ ସେମାନେ ବଂଚିଛନ୍ତି। ବାବୁ ଭାବିଲା, ଭଲ କଥା ତ, ସେ ମଲା ପରେ ବି ତା'ହେଲେ ମରିବନି, ଯେତେବେଳେଯାଏ ତା' ଦେହରୁ ପ୍ରତିଫଳିତ ଆଲୋକ ମହାଶୂନ୍ୟରେ ଅନ୍ୟଗ୍ରହ କି ନିହାରୀକାରେ ଘୂରି ବୁଲୁଥିବ।

Source: Author, Digitized by PPRACHIN, SOA

ଦୁର୍ଗା ସାର୍

କିନ୍ତୁ ବାବୁର ଏଇ ଫିଜିକ୍ସ ସୃଜିତ ଶାନ୍ତି ବେଶିଦିନ ରହିଲାନି। ନୂଆବର୍ଷର ପ୍ରଥମ ଅଘଟଣ ଘଟିଲା, ଯେତେବେଳେ ଫିଜିକ୍ସ ଲେକ୍‌ଚରର୍ ଦୁର୍ଗା ସାର୍ ହଠାତ୍ ମରିଗଲେ। ବାବୁ ଯଦିଓ ଫିଜିକ୍ସର ଛାତ୍ର ନଥିଲା, ସେ କଲେଜ୍ ଏନ୍.ସି.ସି.ର କ୍ୟାଡେଟ୍ ଥିଲା, ଆଉ ଦୁର୍ଗା ସାର୍ ଏନ୍.ସି.ସି.ର ଆର୍ଟିଲେରୀ ଡିଭିଜନ୍‌ରେ ମେଜର୍ ଥିଲେ। ବାବୁ ତାଙ୍କୁ ପ୍ୟାରେଡ୍ ପଡ଼ିଆରେ ଇଉନିଫର୍ମରେ ଦେଖିଚି। ଦୁର୍ଗା ସାର୍‌ଙ୍କର ଗୋରା ଟକ୍‌ଟକ୍ ରାଜପୁତ୍ରର ଚେହେରା। ବାବୁ ଶୁଣିଲା ତାଙ୍କୁ ବ୍ରେନ୍ ଟ୍ୟୁମର୍ ହୋଇଥିଲା। କୁଆଡୁ କିଛି ନଥିଲା, ହଠାତ୍ ମୁଣ୍ଡବିନ୍ଧା ଭୟଙ୍କର ହେଲା ଆଉ ଛାଡ଼ିଲାନି, ପୁଣି ଆଖିକୁ ସବୁ ଦୁଇଦୁଇଟା ଦେଖାଗଲା। ବମ୍ବେରେ ମରିବାର ପୂର୍ବଦିନ ରାତିରେ ଦୁର୍ଗାସାର୍ ହଠାତ୍ ହସ୍ପିଟାଲ୍ ଖଟରୁ ଓହ୍ଲେଇ ପଡ଼ିଲେ ଆଉ ନିଜ ନାଆଁକୁ କି ଠାକୁରାଣୀଙ୍କୁ ବଡପାଟିରେ 'ଦୁର୍ଗା ଦୁର୍ଗା' ବୋଲି ଡାକି ବେହୋସ୍ ହୋଇଗଲେ। ସେ ଚେତା ଆଉ ଫେରିଲାନି।

କଲେଜ୍ ହଲ୍‌ରେ, ଦୁର୍ଗା ସାର୍‌ଙ୍କ ଶୋକସଭାରେ, ତାଙ୍କ ଗେଣ୍ଡୁମାଳ ପିନ୍ଧା ଫଟୋ ରଖାହୋଇଥିଲା। ଆର୍ଟିଲାରୀ ମେଜର୍‌ର ଇଉନିଫର୍ମରେ କେତେ ତେଜିୟାନ୍ ଦେଖା

Source: Author, Digitized by PPRACHIN, SOA

ଯାଉଥିଲେ ସେ। ଦୁଇମାସ ତଳେ ପରେଡ୍ ପଡ଼ିଆରେ ସେନାପତି ପରି ବୁଲୁଥିବା ଦୁର୍ଗା ସାର୍ ଆଉ ନାହାନ୍ତି। ବଡ ଅସ୍ଥିର ନିଦରୁ ତା' ପରଦିନ ଉଠିଲା ବାବୁ। ତା'ର ସାରା ମୁଣ୍ଡ ବଡ଼ ଭାରିଭାରି ଲାଗୁଥିଲା, ଆଉ ସଂଧ୍ୟା ବେଳକୁ ସେଥିରେ ରିତିମତ୍ ଯନ୍ତ୍ରଣା ଆରଂଭ ହୋଇଯାଇଥିଲା। ସେ ପ୍ରଥମେ ଲେମ୍ବୁ ସର୍ବତ୍ ପିଇଲା, ତା' ପରେ ଚା' ପିଇଲା, ତା' ପରେ ବାହାରକୁ ନ ଯାଇ, ଖଟ ଉପରେ ତକିଆରେ ମୁହଁମାଡ଼ି ରେଡ଼ିଓରୁ ଗୀତ ଶୁଣିଲା ଓ ବୋଉକୁ ମୁଣ୍ଡ ଟିପିଦେବା ପାଇଁ କହିଲା। ତଥାପି ମୁଣ୍ଡବିନ୍ଧା କମିଲା ନାହିଁ, ତେଣୁ ବାବୁ ନଖାଇ ଶୋଇପଡିଲା।

ରାତି ଅଧାରୁ ବେଶି ହୋଇଥିବ। ବାବୁର ନିଦ ଭାଙ୍ଗିଗଲା। ତା' ମୁଣ୍ଡଟା ରାତିର ସେ ସୁଶୁପ୍ତି ଭିତରେ ଟନ୍‌ଟନ୍ ହୋଇ ବିନ୍ଧୁଥିଲା। ସେ ଖଟରୁ ଉଠି ଠିଆହେଲା ମାତ୍ରେ ଟଳମଟଳ ହେଇ କାନ୍ଥକୁ ଧରି ପକେଇଲା। ବମ୍ବେ ହସ୍ପିଟାଲ୍ ଭିତରର ଦୁର୍ଗା ସାର୍ ମନେ ପଡ଼ିଗଲେ। ବାବୁକୁ ଲାଗିଲା ତା'ର ନିଶ୍ଚୟ ବ୍ରେନ୍ ଟ୍ୟୁମର୍ ହେଇଚି। ବାବୁ ଚଷମା ଖୋଜିବାକୁ ଆସ୍ତେକରି ପଢା ଟେବୁଲ୍ ପାଖକୁ ଗଲା। ସେଠି ତାକୁ ଟେବୁଲ୍ କ୍ଲକ୍‌ର ରେଡିୟମ୍ ଡାଏଲ୍‌ରେ, ଦୁଇ ଦୁଇଟା ସେକେଣ୍ଡ୍ କଂଟା ବୁଲିଲା ପରି ଲାଗିଲା। ତା'ର ଡବ୍ଲ ଭିଜନ୍ ଆରମ୍ଭ ହୋଇଗଲାଣି ବୋଧହୁଏ। ବାବୁ ଚେକ୍ କରିବା ପାଇଁ ଟର୍ଚ୍ଚ ନେଇ ତାଙ୍କ ପାଚିରୀ ଉପରର ମଧୁ ମାଳତୀ ଲତା ଉପରେ ପକେଇଲା। ଫୁଲପେନ୍ଥା ଭିତରେ ତା'କୁ ଗୋଟାଏ ଫୁଲ ତିନି ଚାରିଟା ପରି ଲାଗିଲା। ବାବୁ ତ୍ରସ୍ତ ହୋଇ ଘର ଭିତରକୁ ଆସି ବାପା ବୋଉଙ୍କ ଉପରେ ଆଲୁଅ ପକେଇ ଦେଖିଲା ଯେ ସେମାନେ ଅକାତରରେ ଶୋଇଚନ୍ତି ଓ ମୋଟେ ଦୁଇ ଦୁଇଟା ଦିଶୁନାହାନ୍ତି।

Source: Author, Digitized by PPRACHIN, SOA

ବକ୍ସିବଜାର

ତଥାପି ବାବୁ ଭାବିଲା ଯେ ସେ ଚଂଚଳ ମରିଯିବ। ଯଦିଓ ତା' ମନର ଆତଙ୍କକୁ ସେ ସାହାସ କରି ବାପାଙ୍କ ସାମନାରେ କହି ପାରିଲା ନାହିଁ, ପରଦିନ ସଂଧ୍ୟାବେଳେ ସେ ସାଇକ୍ଲରେ ବକ୍ସିବଜାର ପାନଦୋକାନ ପାଖକୁ ଯାଇ ତା'ର ନୂଆସାଙ୍ଗ ଗୌରୀକୁ ଡାକି କଥାଟା କହିଲା। ଗୌରୀ ଆଉ ପାଠ ପଢୁନଥିଲା, ଛୋଟଛୋଟ କଂଟ୍ରାକ୍ଟରି କରୁଥିଲା, ଆଉ ତା' ପକେଟ୍‌ରେ ସବୁବେଳେ କଂଚାପଇସା ଥିବାରୁ, ପାନ ଦୋକାନରେ ତା'ର ଇଜ୍ଜତ୍ ବଢ଼ିଯାଇଥିଲା। ସେ ବାବୁକୁ ପସନ୍ଦ ପରୁଥିଲା ଆଉ ତା'କୁ ନୂଆ କରି ଜର୍ଦାମିଶା କଡାପାନ ଖାଇବା ଶିଖଉଥିଲା। ସେ ବାବୁକୁ ପ୍ରବୋଧନା ଦେଇ କହିଲା ଯେ ଏସବୁ କିଛିନୁହେଁ, ତାକୁ ଅର୍ଥାତ୍ ଗୌରୀକୁ ମଧ୍ୟ, ମଝିରେ ମଝିରେ ଗୋଟେ ଲୋକ ଦୁଇଟା ପରି ଦିଶେ, ଅବଶ୍ୟ ଖରାଦିନେ ଭାଂଗ କୁଲ୍‌ଫି ଖାଇଲା ପରେ। ପାଖରେ ଅବସର ପ୍ରାପ୍ତ ପି.ଟି.ଆଇ. ପୂର୍ଣ୍ଣସାର୍ ଛିଡ଼ା ହୋଇଥିଲେ। ସେ ଆଲୋଚନାରେ ଭାଗନେଇ କହିଲେ, ତୁ ଖାଲି ଦିନକୁ ଗଣିଗଣି ସତର ଗ୍ଲାସ୍ ପାଣି ପି। ସବୁ ଠିକ୍ ହେଇଯିବ। ତାଙ୍କ ସାଙ୍ଗରେ ଜଣେ ପତଳା, ଲମ୍ବା ଚଶମା ପିନ୍ଧା ଭଦ୍ରଲୋକ ଥିଲେ। ସେ

Source: Author, Digitized by PPRACHIN, SOA

ଗଂଭୀର ହୋଇ କହିଲେ, ତୁମ ଚଶମା ପାୱାର୍ ବଢିବା ଦରକାର ପଡୁଚି ବୋଧହୁଏ, ତୁମେ ଡାକ୍ତରଙ୍କୁ ଦେଖାଅ।

ଉପରୋକ୍ତ ଘଟଣାର ଦୁଇ ଚାରିଦିନ ଭିତରେ ବାବୁର ମୁଣ୍ଡବିନ୍ଧା ମନକୁ ମନ ଛାଡିଗଲା। ତା' ପରେ ବି ବାବୁ ଆଖି ଡାକ୍ତରଙ୍କ ପାଖକୁ ଗଲା। ତା'ର ଚଶମାର ପାୱାର୍ ସତରେ ବଢିଥିଲା। ବାବୁ ନୂଆ ଚଶମା ପିନ୍ଧି କଲେଜ୍ ଗଲା। ପୁଣି ସଂଧ୍ୟାବେଳେ ସାଇକଲ୍ ଚଢି ବକ୍ସିବଜାର ପାନଦୋକାନ ପାଖକୁ ଆସିଲା। ଗୌରୀ ତାକୁ କୁଣ୍ଢେଇ ପକେଇ କହିଲା, 'ଆରେ, କ'ଣ ଦିଶୁଚ ମ'! ସେଦିନ ସେମାନେ ପାନଦୋକାନ ବନ୍ଦ ହେଲା ପରେ ନଈ କୂଳରେ ଯାଇ ଛିଡାହେଲେ ଜୋବ୍ରା ଆନିକଟ ପାଖରେ। ନଈ ଆରପାରି ଚୌଦ୍ୱାର କାଗଜ କଳରୁ ଚୋରା ବସଂତର ପବନ ସାଂଗରେ ଭାସି ଆସୁଥିଲା ଉକ୍ରଟ କେମିକାଲ୍‌ର ଗନ୍ଧ। ଆନିକଟ ତଳର ନିକାଂଚନ ପାଣିରେ ଏକୁଟିଆ ଅନାବରଣ ହୋଇ ଗାଧୋଉଥିବା ଜହ୍ନକୁ ଦେଖି, ବାବୁ ମନେମନେ ଭାବିଲା, ଯାହାହେଉ ତା'ର ଗୋଟେ ଘାତଚନ୍ଦ୍ର କଟିଯାଇଚି।

Source: Author, Digitized by PPRACHIN, SOA

ବିନ୍ଦୁଦାସ

କଟକ ସହରର ସ୍ୱଳ୍ପାୟୁ ବସଂତ ଏପ୍ରିଲ୍ ମାସର ଶେଷ ପର୍ଯ୍ୟନ୍ତ ବି ରହିଲାନି। ପରୀକ୍ଷାର ଅସହିଷ୍ଣୁ ଦେବତା ମାନେ ବାବୁର ଚଳପ୍ରଚଳ ଦୁନିଆକୁ ପୁରାପୁରି ଅକ୍ତିଆର କରି ବସିଗଲେ ପୁଣିଥରେ। ପରୀକ୍ଷା ପରେ ଆସିଲା ଲମ୍ବା ଗ୍ରୀଷ୍ମଛୁଟିର ରିକ୍ତ ବାଲୁଚର। ଦିନର କଲେଜ ଥିଲା ଶୂନ୍ୟ ଖାଁ ଖାଁ, ଏକମାତ୍ର ଓଏସିସ୍ ବକ୍ସିବଜାର ସଂଧ୍ୟା। ତଥାପି ବାବୁ କଲେଜ ବାରଣ୍ଡାରେ ଚକ୍କର୍ କାଟିଲା। ଏଥର କିନ୍ତୁ ଏକୁଟିଆ ନୁହେଁ, ବିନ୍ଦୁଦାସ ସାଂଗରେ। ବିନ୍ଦୁଦାସ ଏକା କ୍ଲାସରେ ପଢେ, ରହେ ବାବୁ ଘର ପାଖରେ। ବିନ୍ଦୁଦାସ ଆଉ ବାବୁର ଯୋଡି ସେ ବର୍ଷ ଗ୍ରୀଷ୍ମଛୁଟିରେ ବେଶ ପ୍ରଗାଢ ହୋଇଗଲା। ବାବୁ ଯଦି ବିନ୍ଦୁକୁ ସଂଧ୍ୟାବେଳେ ବକ୍ସିବଜାର ପାନ ଦୋକାନକୁ ନେଇଯାଇ ଗୌରୀର ବଂଧୁତ୍ୱରେ ଭାଗିଦାରୀ ଦିଏ, ବିନ୍ଦୁ ବି ବାବୁକୁ ସେ ସରୁନଥିବା ଖରାବେଳ ସବୁରେ ତାଙ୍କ ସିଡ଼ି ଘରକୁ (ସେଇଟା ହିଁ ଥିଲା ବିନ୍ଦୁର ତିନି ମହଲା ଛାତରେ ତା'ର ପଢାଘର) ପାରାପେଟ୍ ଉପରେ ଘୁମୁରୁଥିବା ଚିନି ଓ ଧୂସର ରଙ୍ଗର ପାରାମାନଙ୍କୁ ଦେଖାଏ। ବିନ୍ଦୁଦାସ ବଂଗାଳୀ, ତେଣୁ ସେ ସିଡ଼ି ଘରକୁ କହେ 'ଚିଲ୍‌କୋଠା'। ବିନ୍ଦୁଦାସ ଖୁବ୍ କଥାକୁହେ ଆଉ କଥାକଥାକେ ରହସ୍ୟ କରିପାରେ। ଚରିତ୍ର ହିସାବରେ ସେ ବିପରୀତ ବାବୁର।

Source: Author, Digitized by PPRACHIN, SOA

ବାଲିଘଡି

ବିନ୍ଦୁଦାସର ସେଇ ଚିଲ୍‌କୋଠା ଘରେ, ସେଇ ଗ୍ରୀଷ୍ମଛୁଟିର ଏକ ଅଳସ ଅଥଚ ଉଷ୍ଣ ଅପରାହ୍ଣରେ, ବାବୁ ଦେଖିଲା ତା' ଜୀବନର ପ୍ରଥମ hour glass ବା ବାଲିଘଡି। ଇଂରାଜୀର 8 ଆକୃତି କୁହ ବା ବିପୁଳବକ୍ଷା ନର୍ତ୍ତକୀର କୃଶକଟି କୁହ, ଏହିପରି ଏକ କାଚର ଆୟତନ ଭିତରେ ଝରି ପଡୁଥିଲା ସମୟର ବାଲି ଉପର ମହଲାରୁ ତଳକୁ, ଆଉ ସେ ପ୍ରବାହ ଥିଲା ନିରବଚ୍ଛିନ୍ନ। ଘଡି ତ ଥିଲା ବିନ୍ଦୁଦାସର ପଢ଼ା ଟେବୁଲ ଉପରେ, ଠିକ୍ ଯେମିତି ବାବୁର ଟେବୁଲରେ ଥାଏ ତା'ର କଲେଇଛଡ଼ା ରେଡ଼ିୟମ୍ ଡାଏଲର ଟେବ୍ଲ କ୍ଲକ୍। ହେଲେ ସମୟ ମାପିବାର ଏ ଅଭିନବ ଯନ୍ତ୍ରକୁ ବାବୁ ପାଖରୁ ନିରେଖି କରି ଦେଖିଲା ଯେ ସେଥିରେ ବାଲି ନୁହେଁ, ବଲି ରଂଗର କିଛି ସିନ୍ଥେଟିକ୍ କ୍ରିଷ୍ଟାଲ୍ ଝରୁଚି। ବିନ୍ଦୁଦାସ କହିଲା ଘଡ଼ିଟି ଜର୍ମାନୀ ତିଆରି, ତା'ର କଲିକତା ନିବାସୀ ବଡ଼ମାମୁଁଙ୍କ ଜରିଆରେ ଏ ଦେଶକୁ ଆସିଚି।

ବାଲିଘଡ଼ି ପ୍ରତି ବାବୁର କୌତୂହଳ ପ୍ରାୟ କେତେ ମିନିଟ୍ ଭିତରେ ଏକ ଚାପା ଆତଙ୍କରେ ବଦଳିବାକୁ ଲାଗିଲା। ହାତମୁଠା ସାଇଜର୍ ଏକ ସ୍ୱଚ୍ଛ କାଚର ଗୋଲକ ଭିତରେ

Source: Author, Digitized by PPRACHIN, SOA

ସମୟର ଜୀବନ୍ତ ପ୍ରବାହକୁ ଏତେ ପାଖରୁ ଦେଖି ବାବୁ ହତଭମ୍ବ ହୋଇ ସାମ୍ନା ଚୌକିରେ ବସି ପଡ଼ିଲା। ଅର୍ଜୁନଙ୍କ ବିଶ୍ୱରୂପ ଦର୍ଶନ ପରି, ବାବୁକୁ ଲାଗିଲା ସେ ଗୋଲକ ଭିତରେ, ସମୟର ଜଳପ୍ରପାତରେ କେତେ ଗ୍ରହ, ତାରା, ନିହାରିକା ନିଶ୍ଚିହ୍ନ ହୋଇଯାଉଛନ୍ତି, ଆଉ ବାବୁର ଜୀବନ ଯିବାକୁ କେତେ ନ୍ୟାନୋ -ସେକେଣ୍ଡ ଲାଗିବ। (ବାବୁ ତା'ର ଫିଜିକ୍ସ ବନ୍ଧୁ ଦ୍ୱୀପେନ ଘୋଷ ପାଖରୁ 'ନ୍ୟାନୋ' ଶବ୍ଦଟା ହାସଲ କରିଥିଲା) ବାବୁ ହଠାତ୍ ବିନ୍ଦୁଦାସର ହାତକୁ ମୁଠେଇ ଧରି ସ୍ୱଗତୋକ୍ତି କଲା, ଏ ସମୟକୁ ଅଟକେଇବାର କ'ଣ କିଛି ବାଟ ନାହିଁ ? ଆମର କ'ଣ ମୃତ୍ୟୁ ଛଡା ଅନ୍ୟଗତି ନାହିଁ ?

ବିନ୍ଦୁଦାସ ବାବୁର ଏ ଅହେତୁକ ଦାର୍ଶନିକତାରେ ଯେମିତି ବିସ୍ମିତ ହେବାର କଥା, ହେଲା। ବାବୁର ଦୃଷ୍ଟିପଥକୁ ଅନୁସରଣ କରି ସେ ଅନୁମାନ କଲା ଯେ ତା'ର ଏ ଆକସ୍ମିକ ମୃତ୍ୟୁ ଚେତନାର ସ୍ରୋତ ଆସୁଚି ତା' ଟେବୁଲର sands of time କାଚ ଗୋଲକ ଭିତରୁ। କିନ୍ତୁ ସେ ଯେତେ ସତର୍କ ଦୃଷ୍ଟିରେ ବାଲିଘଡ଼ିକୁ ଦେଖିଲା, ତା'ର କେବଳ ତାଙ୍କ ସାଇକୋଲୋଜି ଡିପାର୍ଟମେଂଟକୁ ନୂଆ ଆସିଥିବା ସୁନ୍ଦରୀ ମିନାକ୍ଷୀ ମ୍ୟାଡାମ୍‌ଙ୍କ ନିହାତି ପତଳା ଅଂଟା କଥା ମନେ ପଡ଼ିଲା। ସେ ପର୍ଯ୍ୟନ୍ତ ବାବୁ ଆଉ ବିନ୍ଦୁ ଭିତରେ କୌଣସି ଝିଅର ପ୍ରସଂଗ ଉଠିନଥିଲା। ଏମିତିକି ସେ ତା'ର ପଡ଼ିଶା ଘରର ଗୁଜୁରାଟି ଝିଅ ଈରା ସହିତ ତିନିମାସ ଭିତରେ ଏକତରଫା ପ୍ରେମ ଓ ହୃଦୟଭଂଗର କାହାଣୀକୁ ସୁଦ୍ଧା ବାବୁକୁ କହି ନଥିଲା। ତେଣୁ ବାବୁର ମରଣଚିନ୍ତାକୁ ହଠାତ୍ ପରିହାସ ନକରି, ବିନ୍ଦୁ ବେଶ୍ ଗୁରୁତ୍ୱର ସହିତ କହିଲା, 'ବାବୁ, ଅନେଇଲ, କ'ଣ ହେଇଛି ମତେ କୁହ।'

Source: Author, Digitized by PPRACHIN, SOA

ତିନି ହଜାର ରବିବାର

ଏ ସମ୍ବେଦନଶୀଳତାରେ ବାବୁ ଯେମିତି କୃତ୍ୟ କୃତ୍ୟ ହୋଇଗଲା। ବିନ୍ଦୁ ପାଖରେ ତା'ର ଆବେଗର ବଂଧ ଭାଙ୍ଗିଗଲା। ଗୌରୀ ପାଖରୁ ବୁଦ୍ଧିମତ୍ତାର ଯେଉଁ ଅଭାବ ସେ ପାଏ, ବିନ୍ଦୁର କଥା କହିବାର କୌଶଳ ତାକୁ ବହୁଗୁଣରେ ପୁରା କରିଦିଏ। ତେଣୁ ବାବୁ, ତା'ର ସମୟ ସହିତ ଯେଉଁ ଚିରନ୍ତନ ଶତ୍ରୁତାର କାହାଣୀ, ତାକୁ ବିନ୍ଦୁକୁ ଅକାତରରେ କହିବାକୁ ଲାଗିଲା। ତା'ର ବ୍ୟାଖ୍ୟାନ ଶୁଣି ବିନ୍ଦୁଦାସ ମନେମନେ ସ୍ତବ୍ଧ ହେଇଗଲା। କେତେ ଆନ୍ତରିକତାର ସହ ବାବୁ କହିଲା, ତା'ର ପ୍ରତି ନୂଆବର୍ଷ ଦିନର ଆତଙ୍କର କଥା। ଯେମିତି ସେ ନୂଆ କ୍ୟାଲେଣ୍ଡରର ତାରିଖ ମାନଙ୍କୁ ବିଶ୍ୱାସ କରିପାରେନା, ତାହା ଭିତରେ କେଉଁ ଯୁବତୀ ଦୁର୍ଭାଗ୍ୟ ଲୁଚିବସିଥିବ ବୋଲି। ସବାଶେଷରେ ବାବୁ କାଗଜ କଲମ୍‌ରେ ହିସାବ କରି ଦେଖେଇ ଦେଲା, ହାରାହାରି ଷାଠିଏ ବର୍ଷ ବଂଚୁଥିବା ଜଣେ ଭାରତୀୟ ଅତିବେଶିରେ ତା' ଜୀବନକାଳ ଭିତରେ ମୋଟ୍ ତିନି ହଜାର ରବିବାର ପାଏ, ଯାହାର ଏକ ତୃତୀୟାଂଶ ସେ ଓ ବିନ୍ଦୁ ଭୋଗ କରି ସାରିଲେଣି, ଏବଂ ଆଜିବି (ସେଦିନ ରବିବାର ଥିଲା) କେତେ ସହଜରେ ଆଉ ଗୋଟାଏ ହାତରୁ ଖସି ଯାଉଚି।

Source: Author, Digitized by PPRACHIN, SOA

ବିନ୍ଦୁଦାସ ରବିବାର ପରି ଏକ ସାଧାରଣ ଘଟଣା ପ୍ରତି ଏଭଳି ତୀର୍ଯ୍ୟକ ଦୃଶ୍ଟିକୋଣର କଥା, ତା' କାନ ଉଠିଲା ଦିନୁ ଶୁଣି ନଥିଲା ।

ବିନ୍ଦୁଦାସ ଚମକୃତ ହେଲା, କିନ୍ତୁ ବାବୁର ମାନସିକ ସ୍ଥାୟୀତ୍ୱ ସଂର୍ପକରେ ତା'ର କ୍ଷଣିକ ସଂଦେହ ମଧ୍ୟ ହେଲା। ହେଲେ ବାବୁର ଏ ଦାର୍ଶନିକତାକୁ ଆଉ ଟିକେ ବ୍ୟାବହାରିକ କରିବାକୁ ଯାଇ ସେ, ଯେମିତି ତା'ର ସ୍ୱଭାବ, ଦୁଇଟି ପରସ୍ପରଠାରୁ ପୃଥକ ଉପାୟର ଅବତାରଣା କଲା, ତା' ପୁଣି ବିନା ବିଳମ୍ବରେ। ୟୁନିଅନ ଇଲେକ୍ସନ୍ ସମୟରୁ ବିନ୍ଦୁଦାସର ଏ ଅପରିପକ୍ୱ ବୟସର ମୁରବିପଣ, ସାରା କଲେଜରେ ବିଦିତ ହୋଇସାରିଥିଲା ଆଉ ସିନିୟର୍‌ମାନେ ତାକୁ hey,strategist ବୋଲି ଡାକି ସାବାସି ଦେଉଥିଲେ । ଆଉ ବାବୁ ଭିତରେ ଥିବା ଭୀତତ୍ରସ୍ତ ପିଲାଲୋକ, ସବୁବେଳେ ଖୋଜି ବୁଲୁଥିଲା ଜଣେ ମୁରବି ।

Source: Author, Digitized by PPRACHIN, SOA

ଅମରତ୍ୱ

'ଶୁଣ ବାବୁ' ବିନ୍ଦୁଦାସ କହିଲା, 'ଚଂଚଳ ହଉ କି ଡେରିରେ ହଉ, ମରିବାର କୌଣସି ବିକଳ୍ପ ନାହିଁ। କିନ୍ତୁ ମଲାପରେ ଅମର ହେବା ପାଇଁ ବାଟ ରହିଚି। ଆଉ ତୁମର ଯଦି ରବିବାର ସବୁ ଚଂଚଳ ଚଂଚଳ ସରିଯାଉଚି, ତେବେ ଅମରତ୍ୱ ପାଇଁ ଆଜିଠୁ ଚେଷ୍ଟା ଆରଂଭ କରିଦିଅ।' ବିନ୍ଦୁଦାସର ପ୍ରହେଳିକା ବାବୁ କେବେ ବି ପ୍ରଥମେ ବୁଝି ପାରେନି।

ଖରାଦିନର ପାୱାର୍‌କଟ୍ ଯୋଗୁ ବୋଧହୁଏ, ସିଡ଼ିଘର ପଂଖା ବନ୍ଦ ହୋଇଯାଇଥିଲା। ଦୁଇ ବନ୍ଧୁ ଏସ ଗୁମୋଟ ଭିତରୁ ଛାତ ଉପରକୁ ବାହାରି ଆସିଲେ, ଯେଉଁଠି ହାଇ କୋର୍ଟର ଗଂବୁଜ ଦିଶେ। ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲେ ବି ପଶ୍ଚିମ ଆକାଶରେ ପାଉଁଶ ତଳର ନିଆଁ ପରି ଏକ ଗୁପ୍ତ ଅରୁଣିମା ଥିଲା। ପାରାପେଟ୍ ଉପରେ ପାରାମାନେ ଆଉ ନଥିଲେ। ପ୍ରାକ୍ ସଂଧ୍ୟାର ମଳିନ ପୂର୍ବାକାଶକୁ ଚାହିଁ ବାବୁ ଦେଖିଲା, ସେଠି ଖଣ୍ଡେ ଧଳା ଖପରା ପରି ଚକ୍‌ଚକ୍ କରୁଚି ଗୋଟାଏ ଏକୁଟିଆ ତାରା। ତା'ର ମନେ ପଡିଗଲା ବୋଉଠୁ ଶୁଣିଥିବା ଢଗ, 'ଏକ୍ ତାରା, ମଣିଷ ମରା' ଗୋଟାଏ ତାରା ଦେଖିବାର ଦୋଷମୁକ୍ତି ପାଇଁ, ବାବୁ ଯେତେବେଳେ ଆଉ ତିନିଚାରିଟା

Source: Author, Digitized by PPRACHIN, SOA

ତାରା ଖୋଜିବାର ନିଷ୍ଫଳ ଚେଷ୍ଟା କରୁଥିଲା, ଠିକ୍ ସେତିକିବେଳେ ବିନ୍ଦୁଦାସ ତା' ପିଠି ଥାପୁଡେଇ କହିଲା, 'ବାବୁ, ମୁଁ ତୁମ ଅମରତ୍ୱ ପାଇଁ ଡବଲ୍ ଷ୍ଟ୍ରାଟେଜି ତିଆରି କରି ସାରିଲିଣି।' ତା'ପରେ ତର୍କର ସ୍ତରକୁ ଟିକେ ଗରିଷ୍ଠ କରିବାକୁ ଯାଇ କହିଲା, 'ସମୟର ବାଲି ଯୁଆଡେ ଯାଉଚି ଯାଉ, ମୂଳକଥା ହେଲା you should have your foot prints on the sands of time.'

ସେତେବେଳେ କଲେଜ୍ ଖୋଲିବା ଆଉ ପ୍ରାୟ ଦୁଇ ସପ୍ତାହ ବାକିଥିଲା, ଆଉ ୟୁନିଅନ ଇଲେକ୍‌ସନ୍‌ର ସବୁ ଫନ୍ଦି କାରସାଦି ବିନ୍ଦୁଦାସ ମୁଣ୍ଡରେ ଚକ୍କର୍ କାଟିବା ଆରମ୍ଭ କରିଦେଇଥିଲା। କାରଣ କଲେଜ୍ ଖୋଲିଲେ ପ୍ରଥମ କାମ ହେଲା ଇଲେକ୍‌ସନ୍, ପୁଣି ଏଇଟା ତାଙ୍କ ଶେଷବର୍ଷ। ତେଣୁ ବିନ୍ଦୁଦାସ କହିଲା, ଅମର ହେବାର ପ୍ରଥମ ରାସ୍ତାହେଲା ଇଲେକ୍‌ସନ୍। ହଁ ବାବୁ ତମର ଶାନ୍ତଶିଷ୍ଟ ଚେହେରା, ତମେ ଚଷମା ପିନ୍ଧ, ତମେ ଏଥର କଲେଜ ୟୁନିଅନ ସେକ୍ରେଟାରୀ ପାଇଁ ଛିଡ଼ା ହୁଅ। ତମକୁ ଜିତେଇବାର ଦାୟିତ୍ୱ ମୋର। ଯା' ସହିତ ଅମରତ୍ୱର କ'ଣ ସଂପର୍କ ବୋଲି ବାବୁ ଯେତେବେଳେ ଜାଣିବାକୁ ଚାହିଁଲା, ବିନ୍ଦୁ କହିଲା, 'ମଲାପରେ ବି ଲୋକ ତୁମକୁ ମନେରଖିଥିବେ। କଲେଜ ୟୁନିଅନ ସେକ୍ରେଟାରୀ ହେଲେ, କଲେଜ୍ କ୍ୟାଲେଣ୍ଡର୍‌ରେ ତୁମ ନାଁ ଛପା ହେବ। ଯେତେ ପୁରୁଣା ହେଲେ ବି ଲାଇବ୍ରେରୀରେ ତା' କପି ମିଳିବ। ପୁଣି ୟୁନିଅନ ଅଫିସ୍ କାଠପଟାରେ ତୁମ ନାଁ ଧଳା ଏନାମେଲ୍‌ରେ ଲେଖା ହେବ, ଯେଉଁଟା ମୋଟେ ଲିଭେନି।'

Source: Author, Digitized by PPRACHIN, SOA

ଅମରତ୍ୱର ଦ୍ୱିତୀୟ ଉପାୟ

ସଂଧ୍ୟା ହୋଇସାରିଥିଲା । ରାସ୍ତାର ଅପରିଚ୍ଛନ୍ନ ବତୀସବୁ ଜଳିବା ଲିଭିବା ଆରମ୍ଭ କରିଦେଇଥିଲେ । ବୁଢ଼ୀଠାକୁରାଣୀଙ୍କ ମନ୍ଦିରରୁ ଆଳତିଘଂଟର ଶବ୍ଦ ଭାସି ଆସିଲା । ବିନ୍ଦୁଦାସର ଆଖି ଅଭ୍ୟାସବଶତଃ ପଡ଼ିଶା ଗୁଜୁରାଟୀ ଘର ଛାତ ଉପରେ ବୁଲିଲା, ଯେଉଁଠି ସଂଧ୍ୟା ହେଲାପରେ ହିଁ ଈରା ଛିଡ଼ାହୋଇ, ପାରାପେଟରୁ ଉହିଁକି ରାସ୍ତାକୁ ଦେଖେ । ଯେମିତି ସେ ସବୁ ଦେଖୁ ଆଉ ତାକୁ କେହିଁ ନ ଦେଖୁ । ତା'ର ଏତେ ସତର୍କତା ସତ୍ତ୍ୱେ, ବିନ୍ଦୁଦାସ ତାକୁ ସରକାରୀ ଆଡ୍‌ଭୋକେଟ୍‌ଙ୍କ ପୁଅ ଉଚ୍ଛୃଙ୍ଖଳ ପ୍ରଶାନ୍ତ ଦାସର ସ୍କୁଟର ପଛରେ ବୁଲିବାର ଦୁଇଥର ଦେଖି ସାରିଥିଲା । ଏକ ତରଫା ପ୍ରେମରେ ଈର୍ଷାର ଅଂଶ ବେଶୀ । ତଥାପି କଲେଜ ଇଲେକ୍‌ସନ୍‌ର ନିଶାଠୁ ଯଦି ଆଉ କାହାର ମାଦକତା, ବିନ୍ଦୁଦାସକୁ ଘାଏଲ୍ କରି ରଖିଥିଲା ତା' ହେଲା ଈରାର । ସେ ଈରାକୁ ଡାକି ପାରୁ ନଥିଲା କି ବାହାର ବି କରିପାରୁ ନଥିଲା ।

ତେଣୁ ବାବୁର କାନ୍ଧ ଉପରେ ଦେଇ, ଈରାର ସିଲ୍‌ହଏଟ୍‌କୁ ସେ ଅଂଧାର ଛାତରେ ଦେଖୁ ଦେଖୁ, ବିନ୍ଦୁଦାସ ହଠାତ୍ ଗଂଭୀର ହୋଇ କହିଲା, 'ମରିବା ସାଂଗରେ ମୁକାବିଲା

Source: Author, Digitized by PPRACHIN, SOA

କରିବା ପାଇଁ ଯଦି ସବୁଠୁ ସକ୍ଷମ କିଛିବାଟ ଅଛି, ତା' ହେଲା ପ୍ରେମ।' ଅଂଧାରରେ ବାବୁର ମୁହଁର ପ୍ରତିକ୍ରିୟା ଜାଣିହେଲାନି। ତଥାପି ବିନ୍ଦୁଦାସ କହି ଚାଲିଲା, 'ବାବୁ, ତୁମେ କେବେ କୌଣସି ଝିଅକୁ ପ୍ରେମ କରିଚ ? ଯଦି ନ କରିଚ, ତା' ହେଲେ ଏ ବର୍ଷ ଯେ କୋହଣସି ମତେ କର। ମନେରଖ ଏଇଟା କଲେଜରେ ଆମର ଶେଷ ବର୍ଷ। ଆଉ ଏ ଚାନ୍ସ ପାଇବନି। ତମେ ମରିବାକୁ କ'ଣ ଡରୁଚ ? ମରିବ ତ ଥରେ। ହେଲେ ପ୍ରେମରେ (ଇରାଆଡ଼କୁ ନିବିଷ୍ଟ ହୋଇ ଚାହିଁ) ମଣିଷ ଶହେଥର ମରିବ। ମରିବା ଅଭ୍ୟାସରେ ପଡିଯିବ। ଆଉ ମଲାପରେ ମଣିଷର ଯେଉଁ କାହାଣୀ ଲୋକକଥା ହୋଇ ବଂଚି ରୁହେ, ସେ ହେଲା ତା'ର ପ୍ରେମ କାହାଣୀ। ସେ ଯଦି ତା'ର ପ୍ରଥମ ପ୍ରେମ ହୁଏ, ଯେମିତି ତୁମର ହେବ, ତା'ହେଲେ ତ କଥାହିଁ ନାହିଁ। ବାବୁ, ଲାଗିଯାଅ। ଆଉ ମନେରଖ, ପ୍ରେମ ଆରମ୍ଭ କରିବା ପାଇଁ, କଲେଜ ଇଲେକ୍‌ସନ୍ ହିଁ ସବୁଠୁ ଶ୍ରେଷ୍ଠ ମଉକା।'

Source: Author, Digitized by PPRACHIN, SOA

ହ୍ୱାଟ୍ ଆଇ ଷ୍ଟାଣ୍ଡ୍ ଫର୍

ଅବଶେଷରେ ସେୟା ହିଁ ହେଲା । ବାବୁର ପ୍ରଥମ ପ୍ରେମର ସୂତ୍ରପାତ ହେଲା ନିର୍ବାଚନ ପୂର୍ବଦିନ କଲେଜ୍ ହଲରେ, What I stand For ମିଟିଂରେ । ବିନ୍ଦୁଦାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ବାବୁ ନମିନେସନ୍ ଫର୍ମ ଭରିଥିଲା । ବିନ୍ଦୁ ଆଉ ଗୌରୀ ଛଡା, ଯଦି ଆଉ କିଏ ତାକୁ ଏଥିରେ ଅକୁଣ୍ଠ ସହଯୋଗ ଦେଇଥିଲା, ସେ ହେଲା ତା'ର ହଷ୍ଟେଲ୍‌ର ଅନ୍ତେବାସୀ ବନ୍ଧୁ ହରପ୍ରସାଦ । ହର ଭଲ ପଢେ ଆଉ ଚମତ୍କାର କବିତା ଲେଖେ ବୋଲି ତାକୁ ଧୁରନ୍ଧର ଭାଇ ବହୁତ ଭଲ ପାଉଥିଲା । ହ୍ୱାଟ୍ ଆଇ ଷ୍ଟାଣ୍ଡ୍ ଫର୍ ମିଟିଂର ଭାଷଣ ବି ସେଇ ହରପ୍ରସାଦ ଲେଖିଦେଇଥିଲା, ଆଉ ତା'ରି ରୁମରେ ବସି ବାବୁ ଆମୂଳ ଚୂଳ ମୁଖସ୍ଥ କରିଥିଲା । କଲେଜ ହଲରେ ମିଟିଂ ଦିନ ତିନିଟା ବେଳକୁ ଥିଲା । ବାବୁ ଭାଷଣ ଘୋଷି ବାହାରିଲା ବେଳକୁ ହର ତା' ମୁହଁରେ ସଯତ୍ନରେ ଟିକେ ବୋରୋଲିନ କ୍ରୀମ୍ ବୋଳି ଦେଇଥିଲା । ବାରନ୍ଦାର ଆଲୁଅରେ ବିନ୍ଦୁ ଯେତେବେଳେ କହିଲା, 'ନା ମୁହଁଟା ବେଶି ତେଲିଆ ଦିଶୁଚି', ହର ପୁଣି ତାକୁ ରୁମ୍ ଭିତରକୁ ଡାକି ତା ମୁହଁରେ ଅଳ୍ପ ପାଉଡର୍ ମାରିଦେଲା । ବାବୁ ଦେଖିଲା ହର ହାତରେ ଧରିଚି ଗୋଟାଏ

Source: Author, Digitized by PPRACHIN, SOA

ନାଲି ରଂଗର ଭେଲ୍‌ଭେଟ୍ ପାଉଡର୍ ପଫ୍। ସେମାନେ ପହଁଚିଲା ବେଳକୁ କଲେଜ ହଲ୍ ଭରିସାରିଥିଲା। ଆଗର ଆଠଦଶ ଧାଡିରେ ଖାଲି ଝିଅ ଭର୍ତ୍ତି ହୋଇଥିଲେ। ତିନିବନ୍ଧୁ ଗ୍ୟାଲେରୀର ସବା ଶେଷ ଧାଡିକୁ ଉଠିଗଲେ।

ଆଉ ସବାଶେଷରେ ହିଁ, ପ୍ରାୟ କୋଡିଏଟି ବିଭିନ୍ନ ପଦ ପାଇଁ ପ୍ରାର୍ଥୀଙ୍କ ଭାଷଣ ଶେଷରେ ବାବୁର ନାଁ ଡକାହେଲା। ବାବୁ ଆସି ପୋଡିୟମ୍ ସାମ୍ନାରେ ଛିଡା ହେଲା ବେଳକୁ ସଭାଘର ସାରା କ୍ରମାଗତ ଭାଷଣ ଶୁଣିବାର କ୍ଲାନ୍ତି ବିରକ୍ତିରେ ବଦଳି ଯାଇଥିଲା। ବାବୁ ତା' ଘୋଷିଥିବା ଭାଷଣକୁ ମନେ ପକାଇବାକୁ ଚେଷ୍ଟା କଲା, କିନ୍ତୁ ବାବୁର ମେମୋରି ପୁରା ଧଳା କାଗଜ ହୋଇ ଯାଇଥିଲା। ଏତିକି ବେଳେ କଲେଜ୍ ହଲ୍‌ର ସ୍କାଇଲାଇଟ୍ ବାଟେ ଫାଳେ ବିରକ୍ତିକର ସୂର୍ଯ୍ୟକିରଣ ବାବୁ ମୁହଁରେ ଗୋଟେ ଚଟକଣା ପରି ପଡିଲା। ସାଂଗେସାଂଗେ ବାବୁର କହିବା ବନ୍ଦ ହୋଇଗଲା। ବାବୁ ନର୍ଭସ ହୋଇ ମୁହଁ ପୋଛିବାର ରୁମାଲ କାଢିଲା ବେଳକୁ, ତା' ଦୁର୍ଭାଗ୍ୟକୁ, ତା' ପକେଟ ଭିତରୁ ବାହାରିଲା ହରର ସେଇ ନାଲିଆ ପାଉଡର୍ ପଫ୍, ଯାହାକୁ ଦେଖି ହଲ୍ ସାରା ହସରେ ଫାଟି ପଡିଲେ। ବିଶେଷ କରି ଝିଅମାନେ ହସୁହସୁ ପରସ୍ପର ଉପରେ ଲୋଟି ପଡିଲେ। ହେଲେ ପୋଡିୟମ୍ ଛାଡି ଓହ୍ଲେଇ ଆସିଲା ବେଳକୁ ବାବୁ ଦେଖିଲା ଯେ ସାମ୍ନା ବେଂଚ୍‌ରେ ଯେଉଁ ଶାବନା ରଂଗର ନୂଆ ଝିଅଟି ତା'କୁ ଆରମ୍ଭରୁ ନିବିଷ୍ଟ ହୋଇ ଚାହିଁ ରହିଥିଲା, ସେ ମୋଟେ ନ ହସି, କେବଳ ମ୍ରିୟମାନ ହୋଇ, ତଳକୁ ମୁହଁ ପୋତି ବସିଚି, ଯେମିତି ବାବୁର ସବୁ ଅପମାନ ଆଜି ତା'ର।

ହ୍ୱାଟ୍ ଆଇ ଷ୍ଟାଣ୍ଡ୍ ଫର୍ ମିଟିଂରେ ସେ ଦୁରବସ୍ଥା ସତ୍ତ୍ୱେ ବାବୁ ବିପୁଳ ଭୋଟ୍‌ରେ ଇଲେକ୍‌ସନ୍ ଜିତିଲା ଆଉ ସେଇ

Source: Author, Digitized by PPRACHIN, SOA

କଲେଜ୍ ହଲ୍‌ରେ ଘନଘନ କରତାଳି ଭିତରେ ଷ୍ଟୁଡେଂଟ୍‌ସ ୟୁନିଅନ ସେକ୍ରେଟାରୀର ଶପଥ ନେଲା। ବିନ୍ଦୁଦାସ କହିବା ଅନୁସାରେ ସେ ମିଟିଂ ପରେ ସିମ୍ପାଥି ଭୋଟ୍‌ର ଏକ ବିରାଟ ଲହରୀ ବାବୁ ସପକ୍ଷରେ ବହିଲା ଓ ତା' ପରଦିନ ଭୋଟ୍‌ବେଳେ ବହୁତ କାମରେ ଆସିଲା। ହେଲେ ମିଟିଂ ଦିନର ସେଇ ଶାବନା ଝିଅ, ଯିଏ ବାବୁ କହି ନପାରିଲା ବେଳେ, ତା'ଠାରୁ ବେଶି ଲଜ୍ଜିତ ଓ ବ୍ୟଥିତ ଦେଖା ଯାଉଥିଲା, ତା'କୁ କିନ୍ତୁ ଶପଥ ନେଲା ବେଳେ ବାବୁ ଖୋଜି ପାଇଲାନି।

Source: Author, Digitized by PPRACHIN, SOA

ଶାବନା ଝିଅ

ମିଟିଂଦିନର ଅସଫଳତାର ମଳିନ ଆଲୋକରେ ଯେଉଁ ଝିଅଟି ଶାବନା ଦିଶୁଥିଲା, ସେ କିନ୍ତୁ ପ୍ରକୃତରେ ଶାବନା ନ ଥିଲା। ତା'ର ପ୍ରମାଣ ବାବୁ ପାଇଲା କିଛିଦିନ ପରେ, ଯେତେବେଳେ ସେ ଓ ବିନ୍ଦୁଦାସ ଆର୍ଟସ୍ ବ୍ଲକ୍‌ରୁ ଓହ୍ଲେଇ ଲାଇବ୍ରେରୀ ଆଡ଼କୁ ଯାଉଥିଲେ। ଆଉ ଠିକ୍ ସନ୍‌ଡାଏଲ୍ ପାଖରେ ସେ ଝିଅ ତାକୁ କ୍ରସ୍ କଲା। ସେ ଏକୁଟିଆ ନ ଥିଲା, ତା'ର ଦୁଇକଡ଼େ ଆଉ ଦୁଇଜଣ ଝିଅ ଥିଲେ। ସେ ବାବୁକୁ ଦେଖିଲା ମାତ୍ରେ ନିଷ୍ପଲକ ଆଖିରେ ସିଧା ଚାହିଁ, ପୁଣି ଚଟ୍ କରି ଆଖି ତଳକୁ କରିନେଲା। ବାବୁକୁ ଲାଗିଲା, ଅଗଷ୍ଟ ମାସର ବର୍ଷା ଭିଜା ଖରାରେ କିଏ ଯେମିତି ଗୋଟାଏ ଲମ୍ୱା ସୁନା ହାରକୁ ତା' ଆଖି ସାମ୍ନାରେ ହଲେଇ ଦେଇ କୁଆଡ଼େ ଉଭାନ୍ ହୋଇଗଲା।

କାରଣ ଯାହା ହେଉ ନା କାହିଁକି, ବାବୁର ଖୋଜିଲା ଆଖିରେ ସେ ଝିଅ ଏଣିକି ବାରମ୍ୱାର ଧରା ପଡିଲା। କଲେଜ ୟୁନିଅନ୍ ସେକ୍ରେଟାରୀ ହିସାବରେ ବାବୁର ସଂଭ୍ରମ ଏ ଭିତରେ ବଢ଼ି ଯାଇଥିଲା, ଆଉ ତାକୁ ବାଟରେ ଦେଖି ହାଏ ହ୍ୟାଲୋ କହିବା ପୁଅ ଝିଅଙ୍କ ସଂଖ୍ୟା କମ୍ ନ ଥିଲା। ଏ ଝିଅ କିନ୍ତୁ ସବୁବେଳେ ଦୁଇ ସଖୀଙ୍କ ଗହଣରେ ଯାଉଥିଲା, ଥରେ ବି

Source: Author, Digitized by PPRACHIN, SOA

ଏକୁଟିଆ ନୁହେଁ, ଆଉ ସଖୀମାନେ ବାବୁ ଆସିଲା ବେଳେ ପରସ୍ପର ଭିତରେ ହସିଲେ ବି, ଏ ଝିଅ ମୁହଁରେ ଏକ ପଥରକଟା ସ୍ଥାୟୀ ସ୍ନିଗ୍ଧତା ଛଡା ଆଉକିଛି ଦେଖିବାକୁ ମିଳୁ ନଥିଲା।

ଏତିକି ଦେଖାଚାହାଁ ଭିତରେ ବାବୁ ହିସାବ କରି ନେଲା ଯେ ଏ ଝିଅର ରଂଗ ବଡ ଅନିର୍ଦ୍ଦିଷ୍ଟ ଧରଣର। ଯେମିତି ଲାଇବ୍ରେରୀ ଭିତରେ ଏଲ.ଇ.ଡି ଆଲୁଅରେ ସେ ଝିଅ ବାବୁକୁ ଜହ୍ନରାତି ପରି ଦିଶିଲା। ଆଉ ଦିନେ ସୂର୍ଯ୍ୟାସ୍ତରେ, ଫିଜିକ୍ସ ବ୍ଲକ୍ ପାଖ ଦୁଇପ୍ରସ୍ଥ ଦେବଦାରୁଙ୍କ ଭିତର ଦେଇ ଗଲାବେଳେ ଝିଅଟିର କ୍ଲାଂତ ମୁହଁଟି ଦେଖାଗଲା ଯେମିତି ମଳିନ ସୁନାରେ ତିଆରି। ଆଉ ଦିନେ, ମେଘଢଂକା ଆକାଶର କ୍ଷୟିଷ୍ଣୁ ଆଲୁଅରେ, ଝିଅଟି ଯେତେବେଳେ ଗୋଟେ ଡୋରିଆ ଶାଢ଼ି ପିନ୍ଧି, ଦୁଇ ହସହସ ସଖୀଙ୍କ ଗହଣରେ, ଆର୍ଟସ୍ ବ୍ଲକ୍ ଉପର ମହଲାରୁ ସିଡ଼ିରେ ଓହ୍ଲାଉ ଥିଲା, ସେ ପୁଣିଥରେ ଶାବନା ଦିଶିଲା।

Source: Author, Digitized by PPRACHIN, SOA

ଦର୍ପଣର ରଂଗ

ବାବୁର ଏଇ ଝିଅଟିକୁ ସବୁ ପ୍ରକାରାନ୍ତରେ ଖୋଜିବା, ବିନ୍ଦୁଦାସର ସତର୍କ ଆଖିକୁ ଅବଶ୍ୟ ଅଗୋଚର ନଥିଲା । ତା' ବିଷୟରେ କିଛିଟା କଥାବାର୍ତ୍ତା ବି ଆରମ୍ଭ ହୋଇଯାଇଥିଲା । ତେଣୁ ବିନ୍ଦୁଦାସର ସେଇ ଚିଲ୍‌କୋଠା ଘରେ, ବାବୁ ଯେତେବେଳେ ଝିଅଟିର ଦେହର ରଂଗ ବିଷୟରେ ଏକ ଅପୂର୍ବ ମନ୍ତବ୍ୟ ରଖିଲା, ବିନ୍ଦୁଦାସ ବିସ୍ମିତ ହେଲାନାହିଁ । ବରଂଚ ଆଶ୍ୱସ୍ତ ହେଲା ଯେ ସାମ୍ନା ଟେବୁଲ୍‌ର ବାଲିଘଡି ପ୍ରତି କୌଣସି ଦୃକ୍‌ପାତ ନକରି, ବାବୁ ତା'ର ନୂଆ ଆବିଷ୍କାରର ତର୍ଜମା କରୁଚି । ବାବୁ କହିଲା, 'ଶୁଣ ବିନ୍ଦୁ, ମୁଁ ଭାବୁଚି ଦର୍ପଣ ପରିକା, ଝିଅଟିର କୌଣସି ନିଜର ରଂଗ ନାହିଁ । ସେ ସଂଜରେ ଶାବନା ଦିଶୁଚି ତ ଦିନରେ ଗୋରା ଦିଶୁଚି । ତା'ଦେହରେ ମୁଁହରେ ଆକାଶ, ଆଲୁଅ, ପାଣି ସବୁର ପ୍ରତିଫଳନ ପଡେ, ଆଉ ରଂଗ ବଦଳେ । ଖାଲି ଋତୁମାନଙ୍କ ସାଂଗରେ ତା'ର ଆଖିର ରଂଗ ବଦଳୁଚି କି ନାହିଁ, ଦେଖିବାକୁ ବାକି ରହିଲା । ଏ ସବୁ କଥା କହିଲା ବେଳେ, ବାଲିଘଡି ଭିତରେ ସ୍ୟାଣ୍ଡସ୍ ଅଫ୍ ଟାଇମ୍ ଝରି ଚାଲିଥିଲା । ହେଲେ ସମୟର ଏ ପ୍ରବାହକୁ ଲକ୍ଷ୍ୟ କରିବା ପାଇଁ ଆଉ ବାବୁର ସମୟ ନଥିଲା ।

Source: Author, Digitized by PPRACHIN, SOA

କିନ୍ତୁ ବିନ୍ଦୁ ଜାଣିଗଲା ଯେ ସମୟ ଆସିଯାଇଚି । ତେଣୁ ସେ ବାବୁର ଦୁଇକାନ୍ଧକୁ ଧରି, ତା'ର ଉଚ୍ଚାଟ ମୁହଁକୁ ଅନେଇ, କହିଲା 'ବାବୁ କଙ୍ଗ୍ରାଚୁଲେସନ୍‌ସ୍, ତୁମକୁ ତୁମର ଭଲପାଇବାର ଝିଅ ମିଳି ଯାଇଚି ।' ବାବୁ ଟିକେ ଲାଜେଇଗଲା । ସେଇ ରାତିରେ ସେ ସ୍ୱପ୍ନ ଦେଖିଲା ଯେ ତାଙ୍କ ଦାଣ୍ଡକବାଟ ଝଣଝଣ କରି, ମଧୁମାଳତୀର ଲଟା ଆଡେଇ, ଧୀରେ ଆଲୁଅ ପରି ପଶିଆସୁଚି ସେଇ ଝିଅ । ଏକ ମିଠା ଆମେଜ୍‌ରେ ବାବୁ ଆଖିଖୋଲି ଦେଖିଲା ଯେ ସକାଳ ହେଇ ସାରିଚି । ବାବୁ ରେଡି ହୋଇ କଲେଜ ଗଲା । କଲେଜରେ ବିନ୍ଦୁଦାସ ହରକୁ କଥାଟା କହିସାରିଥିଲା । ଝିଅର ଦେହ-ଦର୍ପଣର ଆଖ୍ୟାନ ଶୁଣି, କବି ହର ତା' ପରଦିନ 'ଦି ମିରର୍ ଗାର୍ଲ୍' ବୋଲି ଗୋଟିଏ କବିତା ଲେଖି ଆଣିଲା, ଯାହାକୁ ବାବୁ ତା' ମନିପର୍ସରେ ରଖି ବାରମ୍ବାର ଏକୁଟିଆ ପଢୁଥିଲା ।

Source: Author, Digitized by PPRACHIN, SOA

ସୁକେଶୀ

କଲେଜ ନିର୍ବାଚନ ପରି ବାବୁର ଏ ପ୍ରେମ ବିନ୍ଦୁଦାସ ପାଇଁ ଏକ ପ୍ରୋଜେକ୍ଟ ଥିଲା । ଅଳ୍ପଦିନ ଭିତରେ ବିନ୍ଦୁ ସେ ଝିଅର ରୋଲ୍ ନମ୍ବରଠୁ ହଷ୍ଟେଲ୍ ରୁମ ନମ୍ବର ପର୍ଯ୍ୟନ୍ତ ସବୁ ବୁଝି ଆସିଲା । ଆଉ ଚତୁରତାର ସହିତ ଯୋଗାଡ କରିନେଲା, ସେ ଝିଅର କ୍ଲାସ୍ ଯିବାର ସାପ୍ତାହିକ ରୁଟିନ୍ । ସେ କେତେବେଳେ କୋଉ କ୍ଲାସ୍‌କୁ ଯିବ, ଆଉ କେତେବେଳେ ଫ୍ରି, ସେ ହିସାବ ବିନ୍ଦୁଦାସ ପକେଟ୍‌ରେ ଥିଲା । ତା' ପରେ ସେ ତିନି ସଖୀଙ୍କ ଆସିଲା ବାଟରେ ଏ ତିନି ସଖା, କିଛି ନ ଜାଣିଲା ପରି ଠିଆ ହେଉଥିଲେ । ଅବଶ୍ୟ ହରର ପ୍ରେମିକା ମିତ୍ରାଦାସ 'ଏ ଲୁଚା ପ୍ରକୃତି ଛାଡ଼' କହିଲା ପରେ ହର ଆଉ ଏ ବାଟବରଣୀରେ ଯୋଗ ଦେଉନଥିଲା ।

ବିନ୍ଦୁ କିନ୍ତୁ ପୂର୍ବପରି ଏ ବ୍ୟବସ୍ଥାର ସଂଚାଳନ କରିବାକୁ ଲାଗିଲା । ଘଟଣାର ଗୋପନୀୟତାକୁ ବଜାୟ ରଖିବା ଲାଗି, ବିନ୍ଦୁ ଦିନେ ବାବୁକୁ କହିଲା, 'ତୁମେ ତୁମ ଝିଅର ଗୋଟେ ଛଦ୍ମ ନାଁ ଦିଅ, ଯାହା ଖାଲି ଆମେ ତିନିଜଣ ଜାଣିବୁ ।' ଏ ପ୍ରସ୍ତାବରେ ବାବୁର ରୋମାଂଚ ହେଲା । ବାବୁ ସେତେବେଳେ 'ସିଂହକଟି' ବୋଲି ଗୋଟେ ଉପନ୍ୟାସ ଅଧା ପଢିଥିଲା ।

Source: Author, Digitized by PPRACHIN, SOA

ତା'ର ନାୟିକାର ନାଁ ଥିଲା ସୁକେଶୀ। ଯାହାର ପ୍ରେମିକ ଥିଲା ଜଣେ ଆଶ୍ରମବାସୀ ତରୁଣ ସନ୍ନ୍ୟାସୀ। 'କ'ଣ ନାଁ ବାଛିଲ ?' ବିନ୍ଦୁ ପଚାରିଲା। ଉପନ୍ୟାସ ଦ୍ୱାରା ପ୍ରଭାବିତ ବାବୁ କହିଲା, 'ସୁକେଶୀ'। ନାଁ ଟା ହରକୁ ଏତେ ପସନ୍ଦ ଲାଗିଲା ଯେ ସେ ତା' ପରଦିନ ଆଉ ଗୋଟାଏ କବିତା ଲେଖି ଆଣିଲା। ଯାହାର ପ୍ରଥମ ଧାଡି ଥିଲା, 'ଥରେ ମୋର କୋଠରୀକୁ ଆସିଥିଲା ସୁକେଶୀ ବାଳିକା।' ବାବୁର ରୋମାଂଚ ଦୁଇଗୁଣ ବଢିଗଲା।

ବାବୁର ରୋମାଂଚ ବଢ଼ିଲା ସିନା, ହେଲେ ପ୍ରତିଦିନର ଏ 'ଆକସ୍ମିକ' ଭେଟାଭେଟି ବେଳେ ସୁକେଶୀର ଭାବଲେଶହୀନ ପଥର ମୁହଁରେ କୌଣସି ପ୍ରତିକ୍ରିୟା ଦେଖାଗଲା ନାହିଁ। ବିନ୍ଦୁ ବାବୁକୁ ହିମ୍ମତ ଦେଇ କହିଲା ଯେ ସୁକେଶୀର ଦେଖିଲା ମାତ୍ରେ ହସିବା ଜରୁରୀ ନୁହେଁ, କାରଣ ପ୍ରେମ ପ୍ରଥମେ ଆଖିର ଭାଷାରେ ସଂଚାରିତ ହୁଏ। ଏମିତିବି ସଂଦେହ ହେଲା ଯେ ବାବୁର ମୋଟା ଚଷମା ଯୋଗୁ ହୁଏତ ସିଗନାଲ୍ ଯାଉନି। ତେଣୁ ବାବୁ ଥରେ ଚଷମା ଖୋଲି ଠିଆହେଲା। କିନ୍ତୁ ଖାଲିଆଖିରେ ତାକୁ ଚାରିଫୁଟ ଦୂରରୁ ସୁକେଶୀ ବି ଦେଖା ଗଲାନି ବୋଲି ଆଉ ଥରେ ଚଷମା ପିନ୍ଧି ପକେଇଲା। ବିନ୍ଦୁ ଶେଷକୁ ଏ ପ୍ରତିଦିନର ପ୍ରଗତିହୀନ ପୁନରାବୃତ୍ତିରେ ଦିକ୍‌ଦାର ହେଇ ବାବୁକୁ ପୁଣି ଚିଲ୍‌କୋଠା ଉପରକୁ ଡାକିଲା। ଆଉ କହିଲା, 'ଦେଖ ବାବୁ ଏ ଯୌଥ କାରବାରରେ ପିକ୍‌ନିକ୍ ହବ ସିନା ପ୍ରେମ ହେଇ ପାରିବନି। ଯେ ପର୍ଯ୍ୟନ୍ତ ତମେ ତାକୁ ଏକୁଟିଆ ଦେଖା ନ କରିଚ, ସେ ପର୍ଯ୍ୟନ୍ତ ଏ ଘଟଣା ମୋଟେ ଆଗେଇବନି।

ତା'ପର ରବିବାର ଦିନ, ବିନ୍ଦୁ ବାବୁକୁ ତା' ଘର ସାମ୍ନା ରାସ୍ତା ଉପରକୁ ଡାକିନେଇ କହିଲା ଯେ, ବାବୁ, ତୁମ

Source: Author, Digitized by PPRACHIN, SOA

ପ୍ରବ୍ଲେମ୍ ସଲ୍‌ଭଡ୍, କାଲି ସୁକେଶୀର ସେକେଣ୍ଡ୍ ପିରିୟଡ୍ ଫ୍ରି ଅଛି, ଆଉ ସେ ଲାଇବ୍ରେରୀ ଭିତରେ ତୁମକୁ ଭେଟିବା ପାଇଁ ରାଜି ହେଇଚି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ସେ ନିଜେ (ଅର୍ଥାତ୍ ବିନ୍ଦୁ), ସୁକେଶୀର ଦୁଇ ସଖୀରୁ ଜଣେ, ଯାହାର ନାଁ ଆଶା, ଯିଏ ସାଇକୋଲଜି ପଢ଼େ, ତା' ସାଙ୍ଗେ ମୁହାଁମୁହିଁ କଥା କହି ସମୟ ନିଶ୍ଚିତ କରିଛି। ବିନ୍ଦୁର ପାରଙ୍ଗମତା ଉପରେ ବାବୁର କୌଣସି ସନ୍ଦେହ କେବେବେଳେ ନଥିଲା।

Source: Author, Digitized by PPRACHIN, SOA

ଉତ୍କଣ୍ଠା

ତା'ର ସବୁ ସଂଦେହ ଥିଲା, ତା'ନିଜ ଉପରେ। ସୁକେଶୀ ଆସିବା ପାଇଁ ରାଜି ହେଇଚି ଏ'ଟା ଉତ୍ସାହଜନକ। କିନ୍ତୁ ଆସି କ'ଣ କହିବ, କି ତା'ର କ୍ଲାସଯିବା ବାଟରେ ସେ ରୁଟିନ୍‌ଦେଖି ଛିଡ଼ାହଉଚି ବୋଲି ତା'କୁ ଧରି ପ୍ରିନ୍ସିପାଲ୍‌ଙ୍କ ପାଖକୁ ନବ, ବାବୁ ଠିକଣା କରି ପାରୁ ନଥାଏ। ସମୟ ସାଂଗରେ ତା'ର ଛାତିର ଛଟପଟ ବଢି ଚାଲିଥାଏ। ବୋଉ ତିନିଥର ଡାକିଲା ପରେ ସେ ଖାଇଲା ପାଖରେ ତିନି ମିନିଟ୍ ବି ବସିଲାନି, (ରବିବାର ଦିନ ମାଂସ ତରକାରୀ ହୋଇଥିଲେ ବି)। ଖାଇବାପରେ ରେଡିଓରୁ ବିବିଧଭାରତୀ ଗୀତ ବି ଭଲକରି ଶୁଣିଲାନି। ସଂଧ୍ୟାବେଳେ ବକ୍ସିବଜାର ଯାଇ ସେ ଗୌରୀ ସାଂଗେ ପରାମର୍ଶ କଲା। ଗୌରୀ ସୁକେଶୀକୁ ଦେଖି ନଥାଏ ସିନା, ଘଟଣା ଜାଣିଥାଏ। ସେ ଦିନ ବାବୁ ଅଧରାତି ପର୍ଯ୍ୟନ୍ତ ପାନଦୋକାନ ପାଖେ ଛିଡ଼ାହେଲା। କଡ଼ାପାନ ସାଂଗେ ସିଗ୍ରେଟ୍ ବି ଟାଣିଲା। ପାଟିରେ ପାନ ଥିଲେ, ସିଗ୍ରେଟ୍‌ଟା ତାକୁ ଉଦ୍‌ବତୀ ପରି ବାସେ। ଗୌରୀ ଯେତେବେଳେ, ଭାଂଗ ନିଶାରେ ହୁଏତ, ଲାଇବ୍ରେରୀ ଭିତରେ ସୁକେଶୀକୁ ଗୋଟେ ମଲ୍ଲୀମାଳ ଦେବାର ପ୍ରସ୍ତାବ ଦେଲା, ବାବୁ ତାକୁ absurd କହି ମୁହେଁମୁହେଁ

Source: Author, Digitized by PPRACHIN, SOA

ନାକଚ୍ କରିଦେଲା। ସେମାନେ ସହରର ଅଧରାତିର ଖାଲି ରାସ୍ତାରେ ସାଇକ୍ଲ ଚଲେଇ ବାବୁ ଘର ପର୍ଯ୍ୟନ୍ତ ଆସିଲା ଯାଏ, ସୁକେଶୀର କଥା ହିଁ ଚାଲିଥିଲା।

ତା'ପର ଦିନ ବାବୁର ନିଦ ଏତେ ଚଂଚଳ ଭାଗିଂଗଲା ଯେ ସେ ନିଜେ ବୁଝିପାରିଲାନି କ'ଣ କରିବ। ସମୟ କଟୁ ହିଁ ନଥିଲା। ଯେଉଁ ଘଂଟା କଂଟାକୁ ଦେଖିଲେ ସମୟ ସରିଯିବା ଭୟରେ ସେ ଶିହରି ଉଠୁଥିଲା, ବର୍ତ୍ତମାନ ତାକୁ ଅନେଇ ଭାବୁଥିଲା କେତେ ଚଂଚଳ ଏଗାରଟା ବାଜିବ। ଲତା ବିଲିତାଙ୍କ ଶବ ଆଉ ଚାରିପଟେ ଛିଟିକି ପଡୁ ନଥିଲେ। ସମୟର ପ୍ରବାହ ଭିତରେ ଯେ ଏତେ ମିଠା ଉତ୍ତେଜନା ଥାଏ, ଏ ଅନୁଭବ ତା' ପାଇଁ ନୂଆ ଥିଲା। ଘରେ ବୋଉ ଛଡ଼ା ଆଉକେହି ଉଠିନଥିଲେ। ବାବୁ ତା' ନିଜକୁ ଅକ୍ତିଆରରେ ରଖିବାପାଇଁ କାଲିରାତିର ବାସିପାନକୁ ପକେଟରୁ ବାହାରକରି ଖାଇଲା। ଧୋବାଘରୁ ଆସିଥିବା ନିଜ ଜାମାକୁ ଆଉଥରେ ଟେବୁଲ ଉପରେ ଚାଦର ବିଛେଇ ଇସ୍ତ୍ରୀକଲା। ଆଉ କଲେଜ୍ ଯିବାକୁ ସାଇକେଲ୍ ବାହାର କଲାବେଳକୁ ତା' ବୋଉ ତା' ବେକରେ ଠାକୁରଙ୍କ ସିନ୍ଦୁର ଲଗେଇ ଦେଲେ ବି, ଅନ୍ୟଦିନ ପରି ବିରକ୍ତ ହେଲାନି।

Source: Author, Digitized by PPRACHIN, SOA

ଲାଇବ୍ରେରୀ

ଲାଇବ୍ରେରୀ ଭିତରେ ସୁକେଶୀ ସହିତ ଦେଖା କିଛି ଆଲ୍ଲାଦିନ୍‌ର ମ୍ୟାଜିକ୍ ଲ୍ୟାଂପ୍ ପରି ନଥିଲା । ପ୍ରଥମ କଥା, ଦିନ ଏଗାରଟା ବେଳେ ଲାଇବ୍ରେରୀ ଭିତରେ ଗୁଡାଏ ପିଲାଥିଲେ । ଦ୍ୱିତୀୟ କଥା, ସୁକେଶୀ ଆଉ ତା' ସାଂଗ କ୍ୟାଟଲଗ୍ ବାକ୍ସସବୁ ଖୋଲି, ସେଠି ଠିଆହୋଇ ବହି ବାଛୁଥିଲେ । ଆଉ ବସିବା ପାଇଁ ମନା କରିଦେଲେ । ତୃତୀୟରେ, ବାବୁ ସେଠି ପହଂଚିଲା ମାତ୍ରେ ସୁକେଶୀ ଟିକେ ଦୂରକୁ ଘୁଂଚିଗଲା, ନିଜେ କିଛି କହିଲାନି, ଯାହା କଥା କେବଳ ଆଶାର ମାଧ୍ୟମରେ ହେଲା । ସୁକେଶୀ ସବୁଦିନ ପରି ଶାଢ଼ି ପିନ୍ଧିଥିଲା । ଏଇଟା ଥିଲା ବାବୁର ସବୁଠୁ ବଡ ଆକର୍ଷଣ, କାରଣ ସେ ଡ୍ରେସ୍ କି ସାଲ୍ୱାର ପିନ୍ଧା ଝିଅଙ୍କୁ ପସନ୍ଦ କରି ପାରୁନଥିଲା । ଆଉ ତା' ଲମ୍ବାବାଳକୁ ଦୁଇଟିକିଆ ବେଣୀ କରି, ତାଙ୍କୁ ପୁଣି ଦୁଇପ୍ରସ୍ତ କରି, ସ୍କୁଲଝିଅଙ୍କ ପରି ଝୁଲେଇ ଥିଲା । ଏଇଟା କିଶୋରୀର ତରୁଣୀପଣ ନା ତରୁଣୀର ଚାପଲ୍ୟ, ଏକଥା ଯଦିଓ ବାବୁ ବୁଝିପାରିଲାନି, ତେବେ ସୁକେଶୀକୁ ଏତେ ପାଖରୁ ପ୍ରଥମଥର ପାଇଁ ଦେଖି, ସେ ମୋହିତ ହେଲା ।

Source: Author, Digitized by PPRACHIN, SOA

ପ୍ରଥମ ଦେଖାରେ ସୁକେଶୀର ମନୋଭାବ କ'ଣ ଥିଲା, ସେ ବିଷୟରେ ଯଦିଓ ବାବୁ କିଛି ସଠିକ ମନ୍ତବ୍ୟ ଦେଇ ପାରିଲାନି, ବିନ୍ଦୁର ପର୍ଯ୍ୟାଲୋଚନାରେ ମିଶନ୍ ସକ୍‌ସେସ୍‌ଫୁଲ୍ ଥିଲା । ଅବଶ୍ୟ ବିନ୍ଦୁ କହିଲା ଯେ ମାମ୍‌ଲାରେ ଆଉ ଢିଲ୍ ଦେବା ଉଚିତ୍ ହେବନି ଏବଂ ଏଣିକି ବାବୁ ଓ ସୁକେଶୀ କେବଳ ଏକାନ୍ତରେ ପରସ୍ପରକୁ ଭେଟିବେ । ତାହା ହିଁ ହେଲା । ଏବଂ ବାରମ୍ୱାର ହେଲା । ବିନ୍ଦୁର ପ୍ରଚେଷ୍ଟାରେ ପୁଣି ଲାଇବ୍ରେରୀରେ କିନ୍ତୁ ଏଥର ପାଖଚେୟାରରେ ବସି, ସାଇନ୍ସବ୍ଲକ୍‌ରେ ଶୂନଶାନ ଉପରମହଲା ବାରନ୍ଦାରେ, ଛୁଟିଦିନ ମାନଙ୍କରେ କଲେଜ୍ ଆଉ ଖେଳପଡିଆ ମଝିରାସ୍ତାରେ, ଅପରାହ୍ନରେ ଆମ୍ପିଥିଏଟର ପାହାଚରେ, ପୁଣି ଫାଷ୍ଟ ସିମେଷ୍ଟର ପରୀକ୍ଷା ସରିଲାଦିନ ବଟାନୀ ଡିପାର୍ଟମେଣ୍ଟ୍ ବଗିଚାରେ ସେମାନଙ୍କର ଦେଖାହେଲା । ସବୁ ବେଳେ ଆଶା ଆସେ ଆଉ ବିନ୍ଦୁର ଇଂଗିତରେ ସେମାନଙ୍କୁ ଏକାଠି ଛାଡି ଚାଲିଯାଏ । ଏତେ ସାନିଧ୍ୟ ସତ୍ତ୍ୱେ ବାବୁ କିନ୍ତୁ ଲୌକିକତାର ବଳୟ ଭିତରୁ ବାହାରି ପାରିଲାନି । ତାଙ୍କ କଥାବାର୍ତ୍ତାର ସାରାଂଶ ଥିଲା ଏଇ ଯେ ସୁକେଶୀର ଘର ବଡବିଲ୍‌ରେ, ସେ ମାଇନ୍ସ ଅଚଂଳରେ ବଢିଚି, ସେ ଗୋଟିଏ ବୋଲି ଝିଅ, ତାଙ୍କ ଘରେ ବାହାଘର ଉପରେ ଜୋର୍ ଦଉଛନ୍ତି ଯଦିଓ ସେ ମାନିବନି, ସେ ସବୁ ଛୁଟିରେ ରାଉରକେଲା ଯାଏ, କିନ୍ତୁ ଏ ବର୍ଷ କେଉଁଝରେ ଯିବ ଇତ୍ୟାଦି । ବିନ୍ଦୁ ଶୁଣି ହତାଶ ହୋଇ କହେ, 'ଏ ସବୁ ତ ବୁଝିଲୁ, କିନ୍ତୁ ତୁମେ ତାକୁ କିଛି କହିଲଣି ?' ବାବୁ ଚୁପ୍‌ରହେ, ଭାବେ ସୁକେଶୀ ବି ତ କିଛି କହୁନି ।

Source: Author, Digitized by PPRACHIN, SOA

ଉଷୁମ୍ ଖରା

କ୍ରୀସମାସ୍ ଛୁଟିପରେ କଲେଜ ଖୋଲିବାର ପ୍ରଥମ ଦିନରେ ହିଁ ବାବୁ ସୁକେଶୀକୁ ସାଇକୋଲଜି ଡିପାର୍ଟମେଂଟ ସାମ୍ନାରେ ଭେଟିଲା। ବେଶି ପିଲା ତଥାପି ଆସିନଥାନ୍ତି। ଶୀତର ନରମ ଲହରୀ ଚାଲିଥାଏ। କଲେଜ କ୍ୟାଂଟିନ୍‌କୁ ଯାଇ ଏକାଠି କଫି ଖାଇବାର ସାହାସକରି ପାରୁନଥାଏ ବାବୁ। ସେମାନେ ଖରାର ଉଷୁମରେ ଦୁଇ ମିନିଟ ଛିଡା ହୋଇଛନ୍ତି କି ନାହିଁ, ଯଯାତି ଦାସ ବୋଲି କଲେଜର ଗୋଟାଏ ମାର୍କାମରା ଉହରା ଟୋକା, ଚେକ୍‌ସାର୍ଟ ଆଉ କ୍ୟାପ୍ ପିନ୍ଧି ସେମାନଙ୍କ ଆଡକୁ ମାଡି ଆସିଲା। ସୁକେଶୀ ଶୁଣିପାରିଲା ପରି ପାଟିକରି କହିଲା, 'ବାବୁ ତୁ ମୋ'ଠୁ ଯେଉଁ ବାରଟଙ୍କା ଛୁଟିଆଗରୁ ଧାରନେଇଥିଲୁ, କେବେ ଫେରେଇବୁ ?' ଆଉକିଛି ଉତ୍ତର ପାଇବା ପୂର୍ବରୁ ସିନେମାର ମେହେମୁଦ୍ ପରି କୁର୍‌କୁର୍ ହସି ଚାଲିଗଲା। ଏ ଅତର୍କିତ ପଇଁତରାରେ ବାବୁର ଭାରସାମ୍ୟ ଦୋହଲି ଗଲା। ଯେଉଁ ସଂଭ୍ରମ ସହିତ ସେ ସୁକେଶୀ ପାଖରେ ଛିଡାହୋଇଥିଲା, ସେଥିରେ ଏ ବଜାରୀ ଯଯାତି ଦାସ ଯେମିତି କାଳି ଛାଟିଦେଲା। ଦୁନିଆର ସବୁ ଯଯାତିଙ୍କ ପ୍ରତି ଗଭୀର ଆକ୍ରୋଶରେ ତା'ର ମୁହଁ ଲାଲ୍‌ପଡ଼ିଗଲା। (ବାବୁର ରଂଗ ଗୋରା)।

Source: Author, Digitized by PPRACHIN, SOA

ସେତିକି ବେଳେ ଏକ ଅଭାବନୀୟ ଘଟଣା ଘଟିଲା । ସୁକେଶୀ ହଠାତ୍ ସମସ୍ତଙ୍କ ସାମ୍ନାରେ (ଯାହାକୁ କୁହନ୍ତି ବିଚ୍ ବଜାର୍‌ରେ) ବାବୁର ରାଗରେ ମୁଠାହୋଇ ଯାଇଥିବା ହାତକୁ ଧରିପକାଇ ଶାଂତ ସ୍ୱରରେ କହିଲା, 'ବାବୁ, ଏତେ ନର୍ଭସ କାହିଁକି ହଉଚ ? ସେମାନେ କୁହନ୍ତୁ । ଆମେ କ'ଣ କିଛି ଭୁଲ୍ କରୁଚେ ?' ବାବୁକୁ ସୁକେଶୀର ଜୀବନ୍ତ ଆଂଗୁଳିସବୁ ଛୁଇଁଦେବା ଫଳରେ (ପ୍ରଥମ ଥର) ସେଠି ଅହଲ୍ୟାଙ୍କ ଶାପମୁକ୍ତିର ବିପରୀତ ଘଟଣା ଘଟିଲା । ବାବୁ ସାଇକୋଲଜି ଡିପାର୍ଟମେଂଟ୍ ସାମ୍ନାରେ ନୂଆବର୍ଷର ଉଷୁମ୍ ଖରାରେ ପଥର ହୋଇଗଲା ।

Source: Author, Digitized by PPRACHIN, SOA

ହଳଦିଆ ଶାଢ଼ି

ବିନ୍ଦୁର ତର୍ଜମାରେ ସୁକେଶୀର ବାବୁ ପ୍ରତି ଏହାଠାରୁ ବଳିଷ୍ଠ ସ୍ୱୋକ୍ତି ହୋଇପାରି ନଥାନ୍ତା । ହର କହିଲା, ଏଥର ତୁମର ପାଳି । ବାବୁ ଭାବିଲା ସତରେ ତ ! ଯେଉଁ ଝିଅ ତା' ସାଂଗେ ସାଧାରଣ କଥାଟେ କହିବା ପାଇଁ ସବୁବେଳେ ଆଉ ଜଣଙ୍କ ମାଧ୍ୟମ ଖୋଜୁଥିଲା, ସେ ଆଜି କାହାକୁ ଖାତିର୍ ନକରି ତା'ହାତ ଧରିନେଲା । ତାକୁ ବି କିଛି ସତରେ କହିବା ପାଇଁ ପଡ଼ିବ ।

ସେ ସୁଯୋଗ ଆସିଲା ବସଂତ ପଂଚମୀ ସରସ୍ୱତୀ ପୂଜାଦିନ । ସେ ଦିନ ପୂଜା ଦେଖିବା ଆଳରେ ଝିଅଙ୍କ ହଷ୍ଟେଲ୍ ଭିତରକୁ ପୁଅଙ୍କ ପ୍ରବେଶର ଅନୁମତି ଥିଲା । ଶ୍ୱେତବସନା ସରସ୍ୱତୀ ମୂର୍ତ୍ତିଙ୍କ ସାମ୍ନାରେ ଗୋଟେ ଗାଢ଼୍ ହଳଦିଆ ରଂଗର ଶାଢ଼ି ପିନ୍ଧି ସୁକେଶୀ ଆଉ ଗୋଟିଏ ଦେବୀପ୍ରତିମା ପରି ଠିଆ ହୋଇଥିଲା । ବାବୁକୁ ଦେଖି ଏତେ କମନୀୟ ଭାବରେ ହସିଲାଯେ ମଧୁବାଲା ବି ହାର୍ ମାନିଯିବ । ସେ ଅଗୁରୁଚନ୍ଦନର ବାସ୍ନା ଭିତରେ, ହୋମାଗ୍ନିର ଧୂଆଁ ଭିତରେ, ଫୁଲର ଉତ୍ସବ ଭିତରେ, ସଦ୍ୟଓଦା ମୁକ୍ତକେଶର ପହରା ଭିତରେ, ହଳଦିଆ ଶାଢ଼ି ପିନ୍ଧା ସୁକେଶୀ ଦେଖାଯାଉଥିଲା, ଆକାଶରୁ ଖସିପଡିଥିବା ସୁନାର ବିଜୁଳି ପରି । ବାବୁ ତାକୁ ଗୋଟାଏ କଣକୁ ଡାକି

Source: Author, Digitized by PPRACHIN, SOA

କହିଲା, 'ସୁକେଶୀ ତୁମକୁ ଗୋଟେ କଥା କହିବାର ଅଛି।' ସୁକେଶୀ ଟିକେ ଚମକି ପଡି ନିଜକୁ ସଂଭାଳି ନେଇ କହିଲା, 'ହଁ କୁହ, ଏଇଠି କହିବ ନାଁ ବାହାରକୁ ଯିବା।' ହଠାତ୍ ବାବୁର ହଲକ୍ ଶୁଖିଗଲା। ସେ ଦୁଇଥର ଢୋକଗିଳି କହିଲା, 'ନା, ଥାଉ, ଆଉ କେବେ!'

Source: Author, Digitized by PPRACHIN, SOA

ଅବ୍ୟକ୍ତ ପ୍ରେମ

ଆହୁରି କିଛି ଦିନ ଚାଲିଗଲା । ଋତୁ ବି ରଂଗ ବଦଳେଇବାକୁ ଆରମ୍ଭ କଲା । ଖରାପ ଉତ୍ତାପ ବଢ଼ିଲା । ସୁକେଶୀର ନିସ୍ତରଂଗ ମୁହଁରେ କ୍ଷଣିକର ହସ ବି ଦିଶିଲା । କିନ୍ତୁ ବାବୁ ତା ମୁହଁଖୋଲି କିଛି କହିପାରିଲାନାହିଁ । ଶେଷରେ ବିନ୍ଦୁ ଆଉ ହର, ବାବୁକୁ ଶ୍ରୀହରିକୋଟ୍ଟାର କ୍ଷେପଣାସ୍ତ୍ର ସହିତ ତୁଳନା କଲେ, ଯିଏ ବାରଂବାର ତା'ର କକ୍ଷ ପଥରେ ପହଁଚି ପାରେନି ବୋଲି ଖବର କାଗଜରେ ବାହାରେ । ବିନ୍ଦୁ ସ୍ପଷ୍ଟକରିଦେଲା ଯେ, ବର୍ଷ ସରିଆସୁଚି, ଶେଷପରୀକ୍ଷା ଆଉ ଦୁଇମାସ ରହିଲା, କିନ୍ତୁ ବାବୁର କାହାଣୀ ଆରମ୍ଭ ସୁଦ୍ଧା ହୋଇପାରିଲାନି, କାରଣ ଅବ୍ୟକ୍ତ ପ୍ରେମ ପ୍ରେମ ନୁହେଁ । ନହେଲେ ବାବୁର ପ୍ରେମାତ୍ମା ସୁଦ୍ଧା ମୋକ୍ଷ ହେବନି, କଲେଜ ପଢ଼ିଆର ଲେଡ଼ିଜ୍ ହଷ୍ଟେଲ ସାଇଡ଼୍‌ରେ ଜନ୍ମଜନ୍ମାନ୍ତର ଘୂରି ବୁଲୁଥିବ ।

ବାବୁ ଶେଷକୁ ଦୃଢପ୍ରତିଜ୍ଞ ହେଇ ଲେଡିଜ୍ ହଷ୍ଟେଲ ପାଖକୁ ଗଲା । କ୍ଲାସ ସରି ଯାଇଥିଲେ ବି ଦିନର ଆଲୁଅ ଯଥେଷ୍ଟ ବାକିଥିଲା । ଦୁଇ ମିନିଟ୍‌ର ରାସ୍ତା ବି ବାବୁ ପାଇଁ ଦୀର୍ଘ ଓ ବିପଦ ସଂକୁଳ ଥିଲା । ବାବୁ ହଷ୍ଟେଲ ଆଡକୁ ମୋଡ଼ିଲା ବେଳକୁ ସ୍ଥାନ, କାଳ, ପାତ୍ର ଓ ଋତୁ ନିର୍ବିଶେଷରେ କୋର୍ଟ

Source: Author, Digitized by PPRACHIN, SOA

ଟାଇ ପିନ୍ଧୁଥିବା ପ୍ରିନ୍‌ସିପାଲ୍ ଜଣକ ଦେଖାହେଲେ ଏବଂ ବାବୁକୁ ଏଠି କ'ଣ କରୁଚ ବୋଲି ପଚାରିଲେ। ବାବୁ ନର୍ଭସ ହୋଇ କିଛି ନକହି ଆଂଗୁଠି ଫୁଟେଇଲାରୁ ସେ ତାଙ୍କର ଅନୁନାସିକ ବିରକ୍ତି ପ୍ରକାଶ କରି ଚାଲିଗଲେ। ଖେଳ ପଡିଆରେ ଇଂଟର କଲେଜ୍ କ୍ରିକେଟ୍ ଚାଲିଥିଲା ଓ ଦେଖଣାହାରୀ ଜମା ହୋଇଥିଲେ। ଦହିବରା ଆଳୁଦମର ଠେଲାଦୋକାନୀଙ୍କ ଭିଡ଼ ଥିଲା। ହଷ୍ଟେଲ୍‌ର ଗେଟ୍ ପାଖରେ, ବାବୁର ଦୁର୍ଭାଗ୍ୟକୁ ସ୍ୱୟଂ ମ୍ୟାଟ୍ରନ୍ ଛିଡା ହୋଇଥିଲା, ଯାହାର ଆଖିରେ କରୁଣାର ଚିହ୍ନବର୍ଣ୍ଣ ନ ଥିଲା। ବାବୁ ଅଗତ୍ୟା ପନ୍ଦର ମିନିଟ୍ କ୍ରିକେଟ୍ ଦେଖିଲା ଓ ମ୍ୟାଟ୍ରନ୍ ହଟିଲା ପରେ ଗୋଟେ ଅଚିହ୍ନା ଝିଅ ହାତରେ ସୁକେଶୀକୁ ଖବର ଦେଲା।

Source: Author, Digitized by PPRACHIN, SOA

Felicific Calculus

ଘରପିନ୍ଧା ଡୋରିଆ ଶାଢ଼ିରେ ସୁକେଶୀ ଆସି ପହଂଚିଲା । ଏତେ ମନ୍ଥର ଗତିରେ ଯେ ଯେମିତି ସେ ଅଳସ ଭାଂଗୁଚି । ବାବୁର ଚାପା ଉତ୍ତେଜନାକୁ ସେ ଗୋଟାଏ ପଲକରେ ଅନୁମାନ କରିନେଲା, ଆଉ କହିଲା ଚାଲ ଭିଜଟର୍ସ୍ ରୁମ୍‌ରେ ବସିବା । ବାବୁର ଅଶ୍ୱସ୍ତି ସେତେବେଳେ ଜର ପରି ବଢିଚାଲିଥାଏ । ତେଣୁ ସେ ମନାକଲା ଓ ସେଇଠି ଠିଆ ହୋଇ (ଦିନର କ୍ଷୟ ହୋଇଯାଉଥିବା ଆଲୁଅରେ ଯେତେବେଳେ ସୁକେଶୀର ରଂଗ ପୁଣି ଅନିର୍ଦ୍ଦିଷ୍ଟ ହୋଇଯାଉଥିଲା) ଯାହା କହିଲା ତା'ର ସାରାଂଶ ଥିଲା ଏହିପରି । ଯେ ସୁକେଶୀକୁ ଦେଖିଲା ଦିନରୁ ବାବୁ ତା'ର ନିକଟକୁ ଯିବାପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିଚି । କିନ୍ତୁ ମନୋଭାବକୁ ବ୍ୟକ୍ତ କରିବାର ଅବସର ପାଇନି । ଆଜି ସେ କହୁଚି ଯେ ସେ ସୁକେଶୀକୁ ଭଲପାଏ ପଚାଶ ପ୍ରତିଶତ, ବାକି ପଚାଶ ପ୍ରତିଶତରୁ ତାକୁ ଭଉଣୀ ପରି ଭାବେ (ବୋଉ କହିବ ବୋଲି ଭାବୁଥିଲା, କିନ୍ତୁ କାଳେ ବେଶି ହେଇଯିବ ବୋଲି ଭଉଣୀରେ ସାରିଦେଲା) ତିରିଶି ପ୍ରତିଶତ, ଏବଂ ବାକି କୋଡିଏ ପ୍ରତିଶତର ବଂଧୁତ୍ୱ ଚାହେଁ । ଆଉ ସେ ଜାଣିବାକୁ ଚାହେଁ ଯେ ସୁକେଶୀର ମନୋଭାବ ଏଇ ଅନୁପାତରେ କ'ଣ ?

Source: Author, Digitized by PPRACHIN, SOA

ବାବୁ ମୁହଁରୁ ଏ Felicific Calculus ବିବରଣ ଶୁଣି ସୁକେଶୀ ଏକ ତୀବ୍ର କୌତୁହଳରେ ବାବୁକୁ ଚାହିଁଲା, ଏବଂ ତାପରେ ତା' ନିଜ ଚାହାଣୀକୁ ଯେତେସଂଭବ ମୁଲାଏମ କରି ନିଜର ହସର ଉଚ୍ଛ୍ୱାସକୁ ଯେତେସଂଭବ ଚାପି, କହିଲା, 'ମୋ'ର? ମୋ'ର ହେଉଚି...'। ଏତିକିବେଳେ ଖେଳପଡିଆରେ କିଏ ଛକା ମାରିଲାକି କ'ଣ ଏକ ବିରାଟ କୋଳାହଳ ହେଲା, ଏତିକିବେଳେ ପ୍ରବଳ ଶବ୍ଦ କରି ଗୋଟାଏ ଉଡାଜାହାଜ ସେମାନଙ୍କ ଉପରେ ଉଡିଚାଲିଗଲା, ଏତିକିବେଳେ ସୁକେଶୀ ଗୋଟାଏ ବଡ ହସର ଫୁଆର ଛୁଟେଇ ହଷ୍ଟେଲ ଭିତରକୁ ଦଉଡ଼ି ପଳେଇଲା। ବାବୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟା ମୋଟେ ଶୁଣିପାରିଲାନି। ଖାଲି ଦେଖିଲା ହଷ୍ଟେଲର ସିମେଂଟ୍ ଚଟାଣ ଉପରେ ଯେମିତି ଗୋଟାଏ ହସର ଝରଣା ବହିଯାଉଚି।

Source: Author, Digitized by PPRACHIN, SOA

ଯନ୍ତ୍ରଣାର ସମୟ

ସୁକେଶୀ କ'ଣ କହିଥିଲା ? ତା' ପରଦିନ ବନ୍ଧୁମାନଙ୍କର ବ୍ୟାଖ୍ୟା ଭିତରେ ସେ ନଶୁଣି ପାରିଥିବା କଥା କେତେପଦର ତାତ୍ପର୍ଯ୍ୟ ବଢ଼ି ଚାଲିଲା । ଯଦିଓ ସୁକେଶୀର ଆଗ୍ରହ, ଇଂଗିତ ଆଉ ଆଖିର ଭାଷା ସବୁ ବାବୁର ସପକ୍ଷରେ ଥିଲେ, ଖାଲି ଶେଷ କେତେ ମୁହୂର୍ତ୍ତ ବୁଝି ହେଉନଥିଲା । ବାବୁ ବାରଂବାର ଆଖିବୁଜି ସୁକେଶୀର ଶେଷକଥା ମନେପକାଇବାକୁ ଚେଷ୍ଟା କରୁଥିଲା । ହେଲେ ତାକୁ ଗୋଟେ ଝଲମଲ ହସ ଛଡ଼ା ଆଉକିଛି ଦିଶୁ ନଥିଲା । କିନ୍ତୁ ସେ ହସ ଅଂଗୀକାରର ନା ବିଦ୍ରୂପର ଏତିକି ବାବୁ ପାଇଁ ସ୍ୱଷ୍ଟ ହୋଇପାରୁନଥିଲା । ସେ ଦିନ ସୁକେଶୀ କଲେଜ୍ ଆସିଲାନି । ତେଣୁ ସାରାଦିନ ବାବୁ ସଂଦେହର ଦୋଳିରେ ଉପରତଳ ହେବାକୁ ଲାଗିଲା । ସେ ବଡ଼ ଯନ୍ତ୍ରଣାର ସମୟ ଥିଲା । ବିନ୍ଦୁର ପ୍ରବୋଧନା କିଛି କାମ ଦେଉନଥିଲା । ପୁଣି ଯେମିତି ତା' ମୁଣ୍ଡ ଭିତରକୁ ବ୍ରେନଟ୍ୟୁମରର ସନ୍ଦିଗ୍ଧତା ଫେରିଆସିଲା । ବିନ୍ଦୁ ଠିକ୍ କହୁଥିଲା, ପ୍ରେମରେ ତୁମେ ଶହେ ଥର ମରିବ ।

ଜାହାଜବୁଡ଼ିର ନାବିକ ପରି ବାବୁ ଯେତେବେଳେ ଦିନଶେଷରେ ଲାଇବ୍ରେରୀରେ ଡେସ୍କ ଉପରେ ମୁହଁ ପୋତି

Source: Author, Digitized by PPRACHIN, SOA

ବସିଥିଲା, ସେତିକିବେଳେ କବାଟ ପାଖରେ ଦେଖାଦେଲା, ପୋତାଶ୍ରୟର ଆଲୋକ। ସୁକେଶୀ ନଥିଲା କିନ୍ତୁ ଥିଲା ତା'ର ପ୍ରିୟ ସଖୀ। ଆଶା ବାବୁକୁ ଦେଖିଲା ମାତ୍ରେ ପଚାରିଲା, 'ତମ ଦେହ ଖରାପ କି ?' ଓ ତା' ହାତରେ ଗୋଟେ ଦରମୋଡା ଧଳା କାଗଜକୁ ଦେଇ କହିଲା, 'ପଢିବ'। ଫେରିଲା ବେଳକୁ ଟିକେ ହସି ଦେଇ କହିଲା, 'ସୁକେଶୀକୁ ବି ଜର ହେଇଚି'। ଆଶା ଗଲାପରେ କାଗଜକୁ ନଖୋଲି ବାବୁ କିଛି ସମୟ ଅପେକ୍ଷା କଲା। ତାକୁ ଲାଗିଲା ଏଇଟା ତା'ର ଜୀବନର ପାଶ୍ ଫେଲ୍‌ର ଟେଲିଗ୍ରାମ। ତା' ପରେ ଆଖିବୁଜି ସବୁଠାକୁର ଦେବତାଙ୍କୁ ମନରେ ଡାକି, ସେ ଆଖି ଆଉ କାଗଜ ଦୁଇଟାଯାକ ଏକାଠି ଖୋଲିଲା। କାଗଜରେ ମାତ୍ର ଗୋଟିଏ ଲାଇନ୍ ଥିଲା, 'ମୋ'ର ସେଂଟ୍ ପର୍ସେଂଟ୍।' ବାବୁ ପୁଣି ଥରେ ଆଖି ବୁଜିଦେଲା ଆଉ ଦେଖିଲା ତା' ଭିତରେ ଆଉ ଗୋଟାଏ ବାବୁ ଚିତ୍କାର କରି ଲାଇବ୍ରେରୀର ଛାତ, ଲାଇଟ, ବହି ସବୁ ଖସେଇ ପକଉଚି।

ସମସ୍ତେ ସୁକେଶୀର ସାହାସ ଆଉ ସ୍ପଷ୍ଟବାଦୀତାର ସାଧୁବାଦ ଦେଲେ। ହର ଇଲିଅଟ୍‌ଙ୍କ ଉକ୍ତି ଉଦ୍ଧାର କରି କହିଲା, 'ତୁମେ ଜୀବନକୁ ସବୁବେଳେ କଫି ଚାମୁଚ୍‌ରେ କାହିଁକି ମାପୁଚ ବାବୁ ?' ବିନ୍ଦୁ କହିଲା, 'ଦେଖ କେତେ ଦିଲ୍‌ଖୋଲା ଝିଅ। ଭଲପାଉଚି ତ ହନଡ୍ରେଡ ପରସେଂଟ୍। ବାବୁ ସଂକୋଚରେ କହିପାରିଲାନି ଯେ ପ୍ରତ୍ୟାଖ୍ୟାନର ଭୟରେ ସେ ତା'ର ଇଛାକୁ ଛଦ୍ମବେଶ ପିନ୍ଧାଇଥିଲା, ନହେଲେ ତା'ର ବି ଶତ ପ୍ରତିଶତ। ବିନ୍ଦୁ କହିଲା ବାବୁର ସଫଳତାକୁ ସେଲିବ୍ରେଟ୍ କରାଯାଉ। ସେଇଦିନ ରାତିରେ କଟକ ଷ୍ଟେସନର ଡିଷ୍ଟାଂଟ୍ ସିଗ୍ନାଲ ପାଖରେ ଅଂଧାରରେ ରେଳଧାରଣାର କଡରେ ବସି, ବାବୁ ତା' ଜୀବନରେ ପ୍ରଥମଥର ପାଇଁ ମଦ ପିଇଲା।

Source: Author, Digitized by PPRACHIN, SOA

ସୁକେଶୀର ଜର ସାଧାରଣ ନଥିଲା । ଯେତେବେଳେ ଚିହ୍ନି ହେଲାନି ଆଉ ଲମ୍ବା ଚାଲିଲା, ସେତେବେଳେ ତା' ମାଉସୀ ତାକୁ ଭୁବନେଶ୍ୱର ନେଇଗଲେ । ପ୍ରାୟ ତିନିସପ୍ତାହର ଅନୁପସ୍ଥିତି ପରେ ସୁକେଶୀ କଲେଜ୍ ଫେରିଲା । ସେ ଝଡି ଯାଇଥିଲା ଯଦିଓ ତଥାପି ବାବୁକୁ ଦେଖି ହସରେ କାର୍ପଣ୍ୟ କଲାନି ଆଉ ବାବୁ ଯେତେବେଳେ ଆମ୍ଫିଥିଏଟର୍ ପାହାଚ ଉପରେ ବସି କେହି ନଥିଲା ବେଳେ ତା'ହାତକୁ ନିଜର ଦୁଇ ହାତରେ ଧରି ତମେ କେତେ ଶୁଖି ଯାଇଚ ବୋଲି କହିଲା, ସୁକେଶୀ ପଚାରିଲା, 'ଏଇଟା କ'ଣ ତୁମ ବନ୍ଧୁତ୍ୱର କୋଡିଏ ପରସେଂଟ୍ ?' ବାବୁ ଲାଜେଇଗଲା । ତା'ର ହଠାତ୍ ସୁକେଶୀକୁ ଛାତିରେ ଚାପିଧରିବାର ଅଦ୍ୟମ ଇଚ୍ଛା ହେଲା, କିନ୍ତୁ ସଂଭ୍ରମତାର ଦ୍ୱାହିରେ ସେମିତି କିଛି କଲା ନାହିଁ ।

Source: Author, Digitized by PPRACHIN, SOA

ବେଷ୍ଟ ସେଲର୍ -୧

ବାବୁ ଆଉ ସୁକେଶୀର ପ୍ରେମକାହାଣୀ ଏଣିକି କଲେଜ୍‌ର ବେଷ୍ଟସେଲର୍ ଲିଷ୍ଟ୍‌ର ନମ୍ବରଓ୍ୱାନ୍ ହୋଇ ବହୁଦିନ ରହିଲା ଓ ଚର୍ଚ୍ଚା କ୍ୟାଂପସ୍ ବାହାରକୁ ବି ଗଲା । ଭୁବନେଶ୍ୱରରୁ ସୁକେଶୀର ଦୁଇ ମାଉସୀଝିଅ ଭଉଣୀ କଟକ ଆସି ବାବୁକୁ ଦେଖି ଫେରିଗଲେ, ଆଉ ବକ୍ସିବଜାରରୁ ଗୌରୀ (ବାବୁ ସାଂଗେ ଜିଗର୍ କରି) କଲେଜ ଯାଇ ସୁକେଶୀ ସହିତ କଥାବାର୍ତ୍ତା ବି କଲା । କିନ୍ତୁ ସମୟ ଆଉ କେତେ ଥିଲା କି ? ଫାଲ୍‌ଗୁନର ରଂଗ ଫିକା ପଡୁ ନ ପଡୁଣୁ ହସଖୁସିର ବର୍ଷ ସରିଗଲା ଆଉ ଏପ୍ରିଲ୍ ମାସ ଆସୁ ନଆସୁଣୁ ପରୀକ୍ଷାର ନିର୍ମମ ଦେବଦେବୀମାନେ ଆଉଥରେ ସହର ଭିତରକୁ ପଶି ଆସିଲେ । ବାବୁ ସବୁବର୍ଷ ପରି ତାଙ୍କ ଖୋଲା ଅଗଣାରେ ଟେବୁଲ ରଖି, ଲ୍ୟାଂପ ଲଗାଇ ସାରା ରାତି ପଢିଲା, ହେଲେ ଜହ୍ନକୁ କି ମଧୁମାଳତୀକୁ ଅନିସା କରିବାର ଫୁରସତ ତା'ର ନଥିଲା । ସବୁବର୍ଷ ପରି ତା' କଲେଇ ଛଡା ଟେବୁଲ୍ କ୍ଲକ୍‌ର ରେଡିୟମ ଡାଏଲ ଅଂଧାରରେ ବିଲେଇ ଆଖିପରି ଜଳଜଳ ହେଉଥିଲା । କିନ୍ତୁ ଏ ବର୍ଷ ତା' ଭିତରେ ଲିତାବିଲିତାଙ୍କ ଶବ ନଥିଲା, ସମୟର ମୃତ୍ୟୁମୁଖୀ ଯାତ୍ରା ନଥିଲା । ବଂର ବାବୁ ଇଛା କଲା

Source: Author, Digitized by PPRACHIN, SOA

ମାତ୍ରେକେ ଡାଏଲ ଉପରେ ମ୍ୟାଜିକ୍ ପରି ଭାସି ଉଠୁଥିଲା ସୁକେଶୀର ହସଝଲମଲ ମୁହଁ। ଘଂଟାକୁ ଡରି ଆଉ ତା' ଉପରେ ରୁମାଲ ଘୋଡ଼େଇ ଦଉନଥିଲା ସେ। ତା'ର ଚଂଚଳ ମରିଯିବାର ଆଶଂକାଟା ସୁକେଶୀକୁ ଦେଖିଲା ପରେ ଧିମା ପଡିଯାଇଥିଲା। ଆଉ ଆଜିକାଲି ଲାଗୁଚି ସେ ସୁକେଶୀକୁ ଦେଖି ନ ପାରିଲେ ମରିଯିବ।

ଏ ଭିତରେ ଥରେ ପଢା ଟେବୁଲ୍ ପାଖରୁ ଉଠି, ସୁକେଶୀକୁ ମନେ ପକାଇ, ବାବୁ ରାତି ତିନିଟା ବେଳେ ସାଇକ୍ଲ ନେଇ କଲେଜ୍ ଚାଲିଗଲା। କଲେଜ୍ ଗେଟ୍ ପାଖରେ ଦୁଇଟା ଦରୱାନ୍ ଦୁଇକଡେ ନିଦରେ ଶୋଇଥିଲେ। ପରୀକ୍ଷା ସମୟ ବୋଲି ଲେଡିଜ୍ ହଷ୍ଟେଲ୍‌ରେ ବି ଦୁଇତିନିଟା ଝର୍କା ବାଟେ ଆଲୁଅ ଦିଶୁଥିଲା। ବାବୁ ଯଦିଓ ସୁକେଶୀର ରୁମ୍‌ର ଅବସ୍ଥିତି ଜାଣିନଥିଲା, ତାକୁ ଲାଗିଲା ସୁକେଶୀ ଶୋଇନି ଓ କୌଣସି ଗୋଟାଏ ଝର୍କାରୁ ତାକୁ ନିର୍ଣ୍ଣିମେଷ ହୋଇ ଚାହିଁଚି। ତା' ପରଦିନ ସେ ବିନ୍ଦୁକୁ ଡାକି ଏକାନ୍ତରେ କହିଲା, 'ମୋର କ'ଣ ହେଇଚି କେଜାଣି, ମୁଁ ତା' କଥା ମୁହୂର୍ତ୍ତକ ପାଇଁ ବି ଭୁଲିପାରୁନି। ମତେ ଲାଗୁଚି, ତା'ଠୁ ଅଲଗା ହେଲେ ମୁଁ ମରିଯିବି।' ବିନ୍ଦୁଦାସ କହିଲା, 'ବାବୁ ଏ ପାଗଳାମି ଛାଡ଼। ତମେ ମଲାପରେ ଅମର ହେବାପାଇଁ ପ୍ରେମ ଆରଂଭ କରିଥିଲ, ବଂଚିଥିଲା ବେଳେ ମରିବା ପାଇଁ ନୁହେଁ। ପ୍ରେମ ହେଲା, ଲୋକ ଜାଣିଲେ, ଗୋଟେ କାମ ସରିଲା। ଯଦି କିଛି ବାକିଅଛି, ଆଉ ମାସେ ଦୁଇମାସ ସମୟ ଅଛି, ଚଂଚଳ ସାର। ମନେରଖ ଆରବର୍ଷ ଆମେ ଏ କଲେଜ୍‌ରେ ନଥିବା'।

Source: Author, Digitized by PPRACHIN, SOA

ପରୀକ୍ଷା ପରେ କ'ଣ ହେବ

ଏ କଠୋର ବ୍ୟବହାରିକ ଦୃଷ୍ଟିକୋଣ ବାବୁର ପସନ୍ଦ ହେଲାନି। ସେ ସୁକେଶୀକୁ ଏକୁଟିଆ ପାଇ ପଚାରିଲା, 'ପରୀକ୍ଷା ପରେ ଆମର କ'ଣ ହେବ ?' ସୁକେଶୀ କହିଲା, 'ଆଗ ପରୀକ୍ଷାରେ କ'ଣ ହଉଚି ଦେଖାଯାଉ। ମୁଁ ତ ଫେଲ୍ ହେଲେ ଘରେ ରହି ବର୍ଷେ ରିପିଟ୍ କରିବି'। ବାବୁ କହିଲା, 'ଟିକେ ସିରିୟସ୍ ହୁଅ'। ସୁକେଶୀ କହିଲା, 'ତୁମେ ପରା ଦିଲ୍ଲୀ ଯିବ କହୁଥିଲ ?' ବାବୁ କହିଲା, 'ହଁ ଯିବି ଯେ, ହେଲେ ତୁମଠୁ ଅଲଗା ହୋଇ ରହି ପାରିବିନି।' ସୁକେଶୀ କଥାଟାକୁ ଫାଙ୍କିଦେଇ କହିଲା, 'ହେଃ ସେଠି ପଂଜାବୀ ଝିଅ ଗୁଡ଼ାକ ବହୁତ ସୁନ୍ଦର। ତମେ ମତେ ଭୂଲିଯିବ'। ବାବୁ ମନେମନେ ଆହତ ହେଲା ଆଉ କହିଲା, ଆଉ ତମେ କ'ଣ ଏଠି ବାହା ହେଇଯିବ ?' ସୁକେଶୀ କୌତୁକରେ ଆଖି ନଚାଇ କହିଲା, 'କେଜାଣି, ମୁଁ କ'ଣ ଜାଣିଚି, ମୁଁ କ'ଣ ଜ୍ୟୋତିଷ ?' ବାବୁ ଗୁମ୍ ହୋଇ ବସି ରହିଲା। ସୁକେଶୀ ହଠାତ୍ ବାବୁର ହାତଧରି କହିଲା, ତମେ ମୋ ରାଣ ଖାଇ କୁହ, ତମେ ପଂଜାବି ଝିଅ ବାହା ହବନି'। ବାବୁର ଆଖି ଛଳଛଳ ହୋଇଗଲା। ସେ ସୁକେଶୀ ହାତରୁ ହାତ ଖସାଇ ନେଇ, ପୁଣି ନିଜ ଦୁଇହାତରେ ସୁକେଶୀର

Source: Author, Digitized by PPRACHIN, SOA

ହାତକୁ ଧରି କହିଲା, ' ମୁଁ ପଛେ ତୁମକୁ ଶହେଥର ମିଛକଥା କହିବି, କିନ୍ତୁ ତମ ରାଣ କେବେ ଖାଇ ପାରିବିନି' ।

ମେ' ମାସର ନିର୍ଦ୍ଧୁମ୍ ଖରା ଭିତରେ ପରୀକ୍ଷା ଶେଷ ହେଲା । ଲାଷ୍ଟ୍ ପେପର୍ ଦିନ, ପରୀକ୍ଷା ତଥାପି ସରି ନଥାଏ, କାଳ ବୈଶାଖୀ ବହିଲା । ବାବୁ ଝର୍କାବାଟେ ଦେଖିଲା ପ୍ରବଳ ଘୂର୍ଣ୍ଣିରେ, ଟେନିସ୍ କୋର୍ଟ ଉପରେ ଶୁଖିଲା ପତ୍ର ଆଉ ଚିରାକାଗଜ ଚକ୍ରି କାଟିଲେ । 'କିଛିଟା ମୋ' ଭାଗ୍ୟ ପରି', ବାବୁ ଭାବିଲା, କାରଣ କାଲିଠୁ ଆଉ ସୁକେଶୀ ନଥିବ । ତା' ପରଦିନ ଅଟୋ, ଟ୍ରେକର କି ଟ୍ୟାକ୍ସିରେ ଜିନିଷ ଲଦି, ଝିଅଙ୍କ ହଷ୍ଟେଲ୍‌ର ଅଧିକାଂଶ ପିଲା ଷ୍ଟେସନ୍ କି ବସ୍‌ଷ୍ଟାଣ୍ଡ ବାହାରି ଗଲେ । ସୁକେଶୀର ପ୍ଲାନ୍ ଥିଲା ଭୁବନେଶ୍ୱରରେ ସପ୍ତାହେ ରହି ସେ କେଉଁଝର ଯିବ । ବାବୁ ତା'କୁ ନେହୁରା ହେଇ କହିଲା, ' ପ୍ଲିଜ୍ ଆଉ ଗୋଟାଏ ଦିନ ରହିଯାଅ, ଖାଲି ମୋ' ପାଇଁ' ।

ବିନ୍ଦୁଦାସ କହିଲା, 'କଲେଜ୍ ଭିତରେ ଶୁଖିଲାଟାରେ ବୁଲି କ'ଣ ଲାଭ' ? ଗୌରୀ କହିଲା, 'ତୁମେ ବରଂଚ ତାକୁ ଘଂଟାଏ ପାଇଁ YMCA ନେଇଆସ । ସେଠି ରୁମ୍ ଖାଲିଅଛି' । ଗୌରୀର ଇଙ୍ଗିତରେ ବାବୁର ଦେହ ଘୃଣାରେ ଜଳିଗଲା । ସେ ସୁକେଶୀକୁ ନେଇ କୌଣସି ଅଶାଳୀନ କଥା ଶୁଣିବା ଅବସ୍ଥାରେ ନଥିଲା । ଗୌରୀ ସାଙ୍ଗେସାଙ୍ଗେ ପ୍ରସ୍ତାବ ପ୍ରତ୍ୟାହାର କରିନେଇ କହିଲା, 'ଠିକ୍ ଅଛି । ମୁଁ ଆଜିଠୁ ସନ୍ନ୍ୟାସୀକୁ କହି ଦଉଚି । ତୁମେ ଦୁଇଜଣ ତା' ରିକ୍ସାରେ ବସି ସହର ସାରା ବୁଲ । ଅନ୍ତଃତ ପାଖାପାଖି ବସି ତ ପାରିବ' ।

ଶେଷକୁ ସେଇ ବ୍ୟବସ୍ଥା ହେଲା । ସନ୍ନ୍ୟାସୀ ଗୌରୀର ଖାସ୍ ରିକ୍ସାବାଲା ଥିଲା । ଗୌରୀ ଭାଷାରେ ତା' ପାଇଁ ଇସାରା

Source: Author, Digitized by PPRACHIN, SOA

ହିଁ କାଫିଥିଲା । ପୁଅଝିଅ ରିକ୍ସାରେ ବସିଥିଲେ, ସେ ପଦଟେ କଥା କୁହେନା, ଥରଟେ ପଛକୁ ବୁଲି ଚାହେଁନା । 'ତେଣୁ ତୁମର ରହିବ ଅବାଧ ସ୍ୱାଧୀନତା', ଏତିକି କହି ଗୌରୀ ବାବୁର ବାହୁକୁ ଯେମିତି ଚିପି ପକେଇଲା ତା'କୁ ଭଲ ଲାଗିଲାନି । ଦିନ ଆଲୁଅରେ ରାସ୍ତା ଉପରେ ରିକ୍ସାରେ ଗଲେ କେହି ବି ଚିହ୍ନା ଲୋକ ହାବୁଡିଯାଇ ପାରନ୍ତି ବୋଲି ବାବୁର ନୂଆ ସଂଶୟ ଆସିଲା । 'ତା' ହେଲେ ତୁମେ ସାମ୍ନାରେ ପର୍ଦ୍ଦା ପକେଇ ଦିଅ', ଗୌରୀ କହିଲା । 'ସେ'ଟା କେମିତି ସଂଭବ ? ବର୍ତ୍ତମାନ କ'ଣ ବର୍ଷା ହଉଚି ?' ବାବୁ ଯୁକ୍ତି କଲା । 'ଆରେ କଟକରେ କେତେ ମୁସଲ୍‌ମାନ୍ ସ୍ତ୍ରୀଲୋକ ଏବେବି ପର୍ଦ୍ଦା ପକେଇ ଯା'ନ୍ତି', ଗୌରୀ ତା' ଯୁକ୍ତି ରଖିଲା । ବାବୁ ଏ କଥା ସହିତ ସାଲସ୍ କରି ପାରିଲାନି । ଶେଷକୁ କଥା ତୁଟିଲା ଯେ ସେମାନେ ନଈ କୂଳେକୂଳେ ଯିବେ, ଯେଉଁଠି ମେ' ମାସ ଖରାବେଳେ ପ୍ରାୟ କେହି ନଥିବେ । 'ଆଉ ତୁମେ ?', ନିରାପତ୍ତା ବିଷୟରେ ତଥାପି ବାବୁ ସନ୍ଦିହାନ ହୋଇ ପଚାରିଲା । 'ତୁମେ ବେଫିକର୍ ରୁହ ବାବୁ', ଗୌରୀ କହିଲା, 'ତୁମ ରିକ୍ସାର ଦଶଫୁଟ୍ ପଛରେ ମୁଁ ସବୁବେଳେ ସାଇକ୍ଲରେ ଥିବି' ।

Source: Author, Digitized by PPRACHIN, SOA

ନିରୋଳା ରାସ୍ତା

ନିରୋଳା କ୍ୟାଂଟନ୍‌ମେଣ୍ଟ୍ ରୋଡ୍‌ରେ, ବାବୁ ଯେତେବେଳେ ଗୌରୀର ସାଇକ୍ଲରୁ ଓହ୍ଲେଇ ସନ୍ନ୍ୟାସୀର ହୁଡ଼୍‌ଟଣା ରିକ୍ସାରେ ଚଢ଼ିଲା, ସେ ଦେଖିଲା ତା' ଭିତରେ ସତକୁ ସତ, କିନ୍ତୁ ଦିବାସ୍ୱପ୍ନ ପରି, ସୁକେଶୀ ବସିଚି। ସେ ପିନ୍ଧିଚି ସରୁ ଲାଲ୍ ଧଡ଼ିର ଗୋଟେ ଧଳା ମଣ୍ଡଦିଆ ଶାଢ଼ୀ, ଆଉ ତା' ବ୍ଲାଉଜ୍ ଉପରେ, ରିକ୍ସାର ଗତି ସାଂଗରେ, ଖରାଛାଇର କନକଲତା ଖେଳି ବୁଲୁଚି। ଆରଂଭରେ ସୁକେଶୀ ଟିକେ ନିସ୍ତେଜ ଥିଲା, ତା' ହସ ମ୍ଳାନ ଥିଲା, ଆଉ ହଠାତ୍ ଏତେ ନିକଟ ସାନିଧ୍ୟ ହେତୁ, ସେ ବାରଂବାର ଆଖି ଫେରାଇ ନେଉଥିଲା। ତାକୁ ଟିକେ ସହଜ କରିବା ପାଇଁ ବାବୁ କହିଲା, 'ମୁଁ ଭାବୁଥିଲି, ତୁମେ ସେ ସରସ୍ୱତୀପୂଜା ଦିନର ହଳଦିଆ ଶାଢ଼ି ପିନ୍ଧି ଆସିବ ବୋଲି'। 'ଆରେ ନା', ସୁକେଶୀ ଆଉ ଟିକେ ସ୍ୱଷ୍ଟ ହସିଲା, 'ସେ'ଟା ଏ ଖରାରେ ମାଇଲିଏ ଦୂରରୁ ଦେଖାଯିବ। ବରଂଚ ଧଳା ଭଲ। ଦିନ ଆଲୁଅରେ ମିଶିଯିବ। ବାବୁ ସମ୍ମତ ହେଲା, କିନ୍ତୁ କହିଲା, 'ସେଇଟା ମୋର ପ୍ରିୟ ଶାଢ଼ି'। ସୁକେଶୀ ଚୁପ୍ ରହିଲା। ସେ କି ବାବୁ କେହି କହିପାରିଲେନି, ଯେ ସେ ଶାଢ଼ିଟା ଆରଥରକୁ ପିନ୍ଧି ଆସିବ। କାରଣ ସେମାନଙ୍କର ଆରଥର ନ ଥିଲା।

Source: Author, Digitized by PPRACHIN, SOA

ଦିନ ଗୋଟାଏରୁ ବେଶି ହୋଇ ସାରିଥିଲା। ଆକାଶରେ ଧୂର୍ଜଟି ପରି ଛିଡା ହୋଇଥିଲା ସୂର୍ଯ୍ୟ। ସୂର୍ଯ୍ୟ ତ ନୁହେଁ ଗୋଟାଏ ବହ୍ନିମାନ ଗୋଲକ। ସେମାନେ ବାରବାଟି ଷ୍ଟାଡିୟମ ଦେଇ ଦୁର୍ଗ ଆଡକୁ ମୋଡ଼ିଲେ। ସବୁ ନିଶ୍ଚଳ ଚୁପ୍‌ଚାପ୍। ଖାଲି କଟକ କ୍ଲବ ଆଡେ ଲଂଚ୍ ପାଇଁ ଦୁଇତିନିଟା ଗାଡି ଗଲା। ସେମାନେ ଗଡ଼ଖାଇ କଡ ଦେଇ ଉଠି ଆସିଲେ ନଈବନ୍ଧ ଉପରକୁ। ଗଡ଼ଖାଇର ଅଚଳ ପାଣିରେ ସ୍ଥିର ହୋଇ ଭାସୁଥିଲା ହାୟାସିନ୍ଥୁ ଦଳର ବଗିଚା। ନଈକୂଳ ରାସ୍ତାର ଆବଡ଼ଖାବଡ଼ରେ ସେମାନଙ୍କର ଦେହକୁଦେହ ବାଜି ଉଷ୍ମତା ବଢିଲା। ଗଡ଼ଗଡ଼ିଆ ଘାଟକୁ ପଛରେ ରଖି ସନ୍ନ୍ୟାସୀର ରିକ୍ସା ଚାଲିଲା ନରାଜ ରାସ୍ତାରେ। ଖୋଲା ରାସ୍ତା, ଖାଲି ରାସ୍ତା। ବାବୁ ପଛକୁ ବୁଲି ଦେଖିଲା ଯେ ତାଙ୍କ ରିକ୍ସା ପଛରେ ଆଉ ଗୋଟାଏ ମାତ୍ର ସାଇକ୍ଲ, ସେ'ଟା ଗୌରୀର।

Source: Author, Digitized by PPRACHIN, SOA

ହାତରେଖା

ଯଦିଓ କେହି ନ ଥିଲେ, ତଥାପି ବାବୁ ଏପଟ ସେପଟ ଚାହିଁ ସୁକେଶୀର ହାତ ପାପୁଲିକୁ ଆସ୍ତେକରି ଖୋଲି ତା' ହାତରେଖା ପଢ଼ିବାକୁ ଚେଷ୍ଟାକଲା। 'ଏ ବିଦ୍ୟା ବି ଜାଣିଚ ?' ସୁକେଶୀ ଥଟା କଲା। 'ହଁ, କେବଳ ସୁନ୍ଦରୀ ଝିଅଙ୍କ ପାଇଁ', ବାବୁ କହିଲା କପଟ ଗାଂଭୀର୍ଯ୍ୟରେ। ପୁଣି ପାପୁଲିକୁ ହାଲୁକାଭାବେ ଅନେଇ କହିଲା, 'ତୁମେ ବଡ ଭାଗ୍ୟବତୀ, ତୁମେ ବିଦେଶ ଯିବ'। ସୁକେଶୀ କହିଲା, 'ଆଉ କ'ଣ ?' ବାବୁ କହିଲା, 'ତୁମ ହୃଦୟ ବଡ଼ ନିଷ୍କପଟ, କିନ୍ତୁ ତୁମେ ଡିସିସନ୍ ନେଇ ପାରନି'। ଏଥର ସୁକେଶୀ ହାତ ଛଡ଼େଇ ନେଇ ହସିଲା। କହିଲା, 'କିଏ କାହାକୁ କହୁଚି ? ମତେ ବାବୁ ତୁମପରି ପରସେଂଟ୍ ଭାଗ କରି ଆସେନି'। ବାବୁ ଲାଜେଇ ଗଲା। ପୁଣି ସୁକେଶୀର ହାତକୁ ଟାଣି, ତା' କାଣି ଆଂଗୁଠି ତଳର ମାଉଂଟକୁ ନିଠେଇକରି ଦେଖି କହିଲା, 'ବାପ୍‌ରେ, ତୁମ ଜୀବନରେ ଅନେକ ପୁରୁଷ, ଏ ଗାର ସବୁ ଦେଖ, ଏ ଭିତରେ ମୁଁ କୋଉଟା କହିଲ ?' ସୁକେଶୀ ଚୁପ ହୋଇଗଲା। ବାବୁ କଥା ବଦଳେଇବାକୁ କହିଲା, 'ଏଥର ମୋ'ହାତ ଦେଖ'। ସୁକେଶୀ ବାବୁର ପ୍ରସାରିତ ପାପୁଲିକୁ ବନ୍ଦକରିଦେଇ କହିଲା, 'ଥାଉ, ମୁଁ ଜାଣିଚି ମୁଁ ତୁମ ହାତରେ ନାହିଁ।

Source: Author, Digitized by PPRACHIN, SOA

ସାନିଧ୍ୟ

ପୁଣି କିଛି ସମୟ ଦୁହେଁ କିଛି କଥା କହି ପାରିଲେନି। ରାସ୍ତା ସଂପୂର୍ଣ୍ଣ ଜନଶୂନ୍ୟ ଥିଲା। ଅପେକ୍ଷାକୃତ ମସୃଣ ଥିଲା। କାଠଗୋଲା ପାଖରେ ବଡ଼ବଡ଼ କାଠଗଡ଼ ଓ ଦୁଇଟା ଖାଲି ଡଂଗା ଛଡା, ଆଉ କିଛି ନ ଥିଲା। ସନ୍ନ୍ୟାସୀର ରିକ୍ସା ସ୍ଥିତପ୍ରଜ୍ଞ ପରି ହଲ୍‌ଚଲ୍ ନ ହୋଇ, ସମାନ ଗତିରେ ଆଗକୁ ଚାଲିଥିଲା। ନଇବାଲି ଦେଇ ଆସୁଥିବା ପବନ ସାମାନ୍ୟ ତାତିଲା ଥିଲା। ବାବୁ ଦେଖିଲା ସୁକେଶୀର ବେକ ଉପରେ ଇଷତ୍ ଝାଳର ଅଙ୍କୁରୋଦ୍‌ଗମ ହେଇଚି ଆଉ ନାଲି ବ୍ଲାଉଜର କାଖତଳ ଅଂଶ ଭିଜିବାକୁ ଆରମ୍ଭ କଲାଣି। 'ଗରମ ଲାଗୁଚି ନା?' ବାବୁ ପଚାରିଲା। ସୁକେଶୀ ମନାକଲା। ଏତେ ପାଖରେ ବସି ସୁଦ୍ଧା ବାବୁ ସୁକେଶୀର ରଂଗ କ'ଣ ନିର୍ଦ୍ଦିଷ୍ଟ ଭାବରେ ଜାଣି ପାରୁନଥିଲା। ତାକୁ ଲାଗିଲା ନଈବାଲି, ସୁକେଶୀର ଶାଢ଼ି, ଆଉ ଦେହ ମୁହଁସାରା ଦ୍ୱିପ୍ରହରର ରଂଗ ଝଲ୍‌ସି ଉଠୁଚି। ସୁକେଶୀ ସତରେ ଦର୍ପଣ। ତା' ଦେହରେ ପ୍ରକୃତିର ଛାୟା ପଡ଼େ। ଆଉ ତା'ର ଆଖି ଭିତରେ ସେ ଯେମିତି ଦୁଇଟା କଳାଘୁମର ହ୍ରଦ ଲୁଚେଇ ରଖିଚି, ଯେଉଁଠି ହସିହସି ଆତ୍ମହତ୍ୟା କରିହେବ।

Source: Author, Digitized by PPRACHIN, SOA

ବାବୁ ରିକ୍ସାର ପଛପଟ ପର୍ଦା ଉଠେଇ ପଛକୁ ଚାହିଁଲା। ଗୌରୀ ସାଇକ୍ଲ ହ୍ୟାଣ୍ଡଲ୍ ଉପରୁ ହାତଟେକି ତାକୁ ଅଭୟ ଦେଲା ଯେ ମୁଁ ଅଛି। ସୁକେଶୀ ଏ ଭିତରେ ଜୁଡା ଖୋଲି ତା' ଲମ୍ବାବାଳକୁ ସଜାଡୁ ସଜାଡୁ କହିଲା, 'କ'ଣ ପାଇଁ ତୁମର ଏତେ ଡର? ତୁମେ କ'ଣ ମତେ ଏକୁଟିଆ ଆଣି ପାରି ନଥାନ୍ତ?' ବାବୁ ତା'ର ଯାହା ବା ଯୁକ୍ତି ରଖିଥାନ୍ତା, ଏ ଭିତରେ ସୁକେଶୀ ଝାଳମିଶା ଦେହର ଗଂଧ ଆଉ ସଦ୍ୟ ଖୋଲାକେଶର ଏକ ନିବିଡ ଜୈବିକ ବାସ୍ନା ତାକୁ ଉଛାଟ କରି ସାରିଥିଲା। ସେ ସୁକେଶୀର ଆହୁରି ପାଖକୁ ଘୁଂଚିଯାଇ, ତା' କାନ୍ଧଉପରେ ଖସିପଡିଥିବା କେଶର ସାନ୍ଦ୍ରତା ଭିତରେ ମୁହଁ ପୁରାଇ, ତା' ଶରୀରକୁ ପୂର୍ଣ୍ଣ ଆଘ୍ରାଣ କରି କହିଲା, 'ତମେ କେତେ ସୁନ୍ଦର ବାସୁଚ'। କହିବା ବାହୁଲ୍ୟ, ପଛରେ ଗୌରୀ ଆଉ ସାମ୍ନାରେ ପଛକୁ ଚାହୁଁନଥିବା ସନ୍ନ୍ୟାସୀ, ବାବୁର ଏ ହଠାତ୍ ସାହସିକତା ପାଇଁ କିଛି କମ୍ ଜରୁରୀ ନଥିଲେ।

ସୁକେଶୀ ହୁଏତ ବାବୁଠୁ ଅଲଗା ହେବା ପାଇଁ ଏକ କ୍ଷୀଣ ପ୍ରୟାସ କରୁଥିଲା, କିନ୍ତୁ ଠିକ୍ ସେତିକିବେଳେ ବାବୁର ବାଂଫମିଶା ଗରମ ନିଃଶ୍ୱାସ ତା' କାନରେ ବାଜିଲା ମାତ୍ରେ, ତା'ର ସାରା ଦେହ ଶିହରି ଉଠିଲା। ସେ କ'ଣ କରିବ ବୁଝି ନପାରି ତା'ର କାନ ଆଉ ଗାଲକୁ ବାବୁର ମୁହଁ ଉପରେ ଚାପିଧରିଲା। ବାବୁ ଯଦିଓ ଭଲକରି ନିଃଶ୍ୱାସ ନେଇ ପାରୁନଥିଲା, ତଥାପି ସେ ଆବଦ୍ଧ ଅବସ୍ଥାରୁ ମୁକୁଳିବାର କୌଣସି ଚେଷ୍ଟା କଲାନାହିଁ। ବଂର ଦୁଇହାତର ବେଷ୍ଟନୀ ଭିତରେ ଧରି ରଖିଲା ସୁକେଶୀକୁ। ସେଇ ମୁର୍ଚ୍ଛାହତ ଅବସ୍ଥାରେ କେତେ ସମୟ ବିତିଲା କେଜାଣି।ବାବୁକୁ ଲାଗିଲା, ଯେମିତି ଏ ଜନ୍ମରେ ନୁହେଁ, ଅନ୍ୟ କେଉଁ ଜନ୍ମରେ, କେବଳ ଆଲୁଅରେ ତିଆରି ରାସ୍ତା ଉପରେ, ତା'କୁ ବାହିନେଉଚି ତା'ର ସାରଥି, ଆଉ ପଛରେ ଅଛି ଅଙ୍ଗରକ୍ଷୀ ଘୋଡ଼ସବାର୍।

Source: Author, Digitized by PPRACHIN, SOA

ଆମନ୍ତ୍ରଣର ରଂଗ

ସୁକେଶୀର ଓଠ ବାବୁର ଏତେ ନିକଟରେ ଥିଲା ଯେ ତାକୁ ଚୁମାଦେବା ଛଡା ଗତ୍ୟାନ୍ତର ନଥିଲା। ବାବୁ କିନ୍ତୁ ତାକୁ ଛୁଇଁବା ପରିବର୍ତ୍ତେ ଆଗେ ମନପ୍ରାଣ ଦେଇ ଦେଖିଲା। ଦେଖିଲା ଓଠ ଚାରିପଟର ମସୃଣତାକୁ, ପ୍ରାୟ ଅଦୃଶ୍ୟ ସୁନେଲି ରୋମାବଳୀକୁ, ଓଠର ତ୍ୱକ୍ ଉପରର ସୁକ୍ଷ୍ମାତିସୁକ୍ଷ୍ମ କୁଂଚକୁ, ଆଉ ଉପରଓଠର କିଂଚିତ୍ ଉପରେଥିବା, ଆଗରୁ କେବେ ଦେଖିନଥିବା, ପ୍ରିୟ ତିଳ ଚିହ୍ନଟିକୁ। ବାବୁ ଦେଖିଲା ଅନେକ ସମୟରେ ଗୋଲାପୀ ବା ରକ୍ତାଭ ଦେଖାଯାଉଥିବା ସୁକେଶୀର ଓଠ ଆଜି ସନ୍ନ୍ୟାସୀର ରିକ୍ତା ଭିତରେ ଖଇର ରଂଗର ପାଲଟି ଯାଇଚି। ସୁକେଶୀ ଲିପ୍‌ଷ୍ଟିକ୍ ଲଗେଇବା ତ ଦୂରର କଥା, ସାମାନ୍ୟତମ ପ୍ରସାଧନ ବି କରେନି। ଏ କ'ଣ ତା' ହେଲେ ତା'ର ଆମନ୍ତ୍ରଣର ରଂଗ ?

କିନ୍ତୁ ବାବୁର ଚୁମା ଦେବାର କି ନେବାର କୌଣସି ଅଭିଜ୍ଞତା ନଥିଲା। ତା' ବୋଉ କେବଳ ତା'ର କପାଳ ଚୁମ୍ବନ କରନ୍ତି। କୌଣସି ସମବୟସ୍କା ସହିତ ଏ ଧୃଷ୍ଟତାର ପ୍ରଶ୍ନ ହିଁ କେବେ ଉଠିନି। ତେଣୁ ସେ ଯେତେବେଳେ ସୁକେଶୀର ଦରଖୋଲା ଓଠ ଓ ଦରବୁଜା ଆଖିର ପ୍ରାୟ ମୂର୍ଚ୍ଛିତ ମୁହଁକୁ ଧରି ଭାବୁଥିଲା କ'ଣ କେମିତି କରିବ, ଆଉ ବିଶେଷ କରି

Source: Author, Digitized by PPRACHIN, SOA

ନାକମାନଙ୍କର ବ୍ୟବଧାନକୁ କେମିତି ମ୍ୟାନେଜ୍ କରିବ, ସେତେବେଳେ ଯେମିତି ସୁକେଶୀର ସ୍ୱପ୍ନଭଙ୍ଗ ହେଲା। ସେ ସିଧାହେଇ ବସିଲା, ଆଉ ତା' ଆଖିରେ ଉତ୍ତେଜନା ଅପେକ୍ଷା ବାବୁର ଅପାରଗତାକୁ ନେଇ ବିରକ୍ତି ବେଶି ଥିଲା। ସେ ବାବୁର ଦୁଇହାତକୁ ତା' ବେକ ପାଖରୁ କାଢି ନିଜର ଅଂଟାପାଖର ଖୋଲାଦେହ ଉପରେ ରଖିଲା, ଆଉ ନିଜର ଦୁଇହାତ ବାବୁର ବେକରେ ଗୁଡେଇ ଦେଇ, ବାବୁର ଛାତିରେ ମିଶିଯାଇ, ତା' ଓଠଉପରେ ଓଠ ରଖିଲା। ବାବୁ ପ୍ରାୟ ସାଙ୍ଗେସାଙ୍ଗେ ବୁଝିପାରିଲା ଯେ, ଚୁମ୍ବନରେ ନାକର କୌଣସି ଭୂମିକା ନାହିଁ।

ଓଠଉପରେ ଓଠର ସ୍ଥାପନା କରି ସୁକେଶୀର ଆଖି ପୁଣିଥରେ ଅର୍ଦ୍ଧ ନିମ୍ମିଳିତ ହୋଇଗଲା। କିଛି ମୁହୂର୍ତ୍ତ ଧରି ଓଠର ହଲ୍‌ଚଲ୍ ନଥିଲା। କିନ୍ତୁ ସେମାନଙ୍କର ନିଃଶ୍ୱାସ ପ୍ରଖର ହେଲା ଆଉ ଦେହ ଜାବ ପଡିଗଲା। ବାବୁ ଜାଣିବାରେ ସେ ଦି'ଜଣଙ୍କର ଓଠ ଆରମ୍ଭରେ ଶୁଖିଲା ଥିଲା। ସେ ଜାଣିପାରିଲାନି କେତେବେଳେ, କିନ୍ତୁ ଖୁବ୍ ଚଂଚଳ, ସେମାନଙ୍କ ଓଠ ଭିତର ଦେଇ ଏକ ଉଷ୍ଣଆର୍ଦ୍ର ପ୍ରବାହର ଯାତାୟାତ ଆରମ୍ଭ ହେଲା, ଏବଂ ସେମାନେ ପରସ୍ପରର ଦେହର ଆର୍ଦ୍ରତାକୁ, ଅଗସ୍ତି ମୁନି ସମୁଦ୍ରକୁ ଚଳୁକଲା ପରି, ଶୋଷି ନିଃଶେଷ କରିବାକୁ ଲାଗିଲେ। ଅଳ୍ପ ସମୟ ଭିତରେ ସେମାନଙ୍କର ଜିଭ, ଦୁଇଟି ଓଲଟ୍ ମାଛପରି, ଦାନ୍ତର କୁଣ୍ଠିତ ବିରୋଧକୁ ଟପି, ଅବାଧରେ, ତାଙ୍କ ମୁହଁର ସବୁ ଅନ୍ଦିକନ୍ଦିରେ, ନିଆଁ ଆଉ ବରଫ ଭିତରେ, ଘୂରିବୁଲିଲେ। ବାବୁ ଜାଣିପାରିଲାନି, ସେ କେମିତି ସୁକେଶୀର ଉପରଓଠକୁ ପାଇଲା ଓ ସୁକେଶୀ କେମିତି ଠିକ୍ ଭାଗ କଲାପରି, ବାବୁର ତଳଓଠକୁ ଅକ୍ତିଆର୍ କରିନେଲା। ସବୁକିଛି, ଏ ଅର୍ଦ୍ଧଚେତନାରେ ସୁଦ୍ଧା, ସୁକେଶୀର ନିୟନ୍ତ୍ରଣରେ ଥିଲା। ଆଉ ପ୍ରଥମ ଚୁମ୍ବନର ଏ ଲମ୍ବା ଅବଧି ଭିତରେ ସେ ବାବୁର ଖୋଜୁଥିବା ହାତକୁ ଥରେ ହେଲେ ଅବାଧ ହେବାକୁ ଦେଲାନି।

Source: Author, Digitized by PPRACHIN, SOA

ଧବଳେଶ୍ୱର

ଏ ଅନ୍ତହୀନ ଖେଳର ସମାପ୍ତି ହୁଏତ ଏତେ ସହଜରେ ଘଟିନଥାନ୍ତା, ଯଦି ଗୌରୀ ପଛରୁ ପାଟିକରି ସନ୍ନ୍ୟାସୀକୁ ଡାକି କହିନଥାନ୍ତା ଯେ, ଆଗରେ ନଈଭିତରେ ଧବଳେଶ୍ୱରଙ୍କ ମନ୍ଦିର ପଠା ଦିଶିଲାଣି, ଏଥର ରିକ୍ସା ବୁଲା। ବାହାରେ ଖରାର ଧାସ ଟିକେ କମିଥିଲା। କିନ୍ତୁ ରିକ୍ସା ଭିତରେ ସୁକେଶୀର ଦେହର ଧାସ ତଥାପି ବାରିହୋଇ ପଡୁଥିଲା। ସେ ନୀରବରେ ନିଜର ଜୁଡ଼ା ଆଉଥରେ ବାନ୍ଧିଲା ଓ ମଣ୍ଡଦିଆ ଧଳାଶାଢ଼ିର ଲୋଚାକୋଚାକୁ ହାତରେ ସିଧାକଲା। ବାବୁ କିଛି ସମୟ ପରେ ସାହାସ ସଂଚୟ କରି କହିଲା, 'ମୁଁ ଖାଲି ମିଛ ହାତଦେଖା ଜାଣିଚି, କିନ୍ତୁ ତୁମେ ତ ସତରେ ବହୁତ ବିଦ୍ୟା ଜାଣିଚ !' ସୁକେଶୀ ବାବୁ ଆଡକୁ ନ ଅନେଇ ହସିଲା, ଆଉ କହିଲା ଆହୁରି ବି ବହୁତ ବାକିଅଛି, କିନ୍ତୁ କହିପାରିଲାନି ଯେ ଆରଥରକୁ ଶିଖେଇଦେବ। କାରଣ ତାଙ୍କର ଆଉ ଆରଥର ନଥିଲା।

ଫେରିଲାବେଳେ ସନ୍ନ୍ୟାସୀ କ୍ୟାଂଟନମେଂଟ୍ ରୋଡରେ ବାବୁକୁ ଓହ୍ଲେଇଦେଇ ସୁକେଶୀକୁ ନେଇ ଚାଲିଗଲା। ସୁକେଶୀ ଥିଲା ପର୍ଯ୍ୟନ୍ତ ତାକୁ ଆଉ କାଳିକି

Source: Author, Digitized by PPRACHIN, SOA

ନପାଇବାର କ୍ଲେଶ, ବାବୁ ଭିତରେ ଗୋଟାଏ ରୋଗପରି ବଢୁଥିଲା । କିନ୍ତୁ ଏକା ହୋଇଗଲା ପରେ, ତା' ଭିତରେ ସେଇ ପ୍ରଥମ ଚୁମ୍ବନର ଅନୁଭବ ଛଡା ଆଉ କିଛି ଜୀବନ୍ତ ହୋଇ ନ ଥିଲା । ସେ ଗୌରୀର ସାଇକଲର ସାମ୍ନା ରଡରେ ବସି ଘରକୁ ଫେରିଲା । ତା' ଜଳକା ଆଖିକୁ ଖରାରେ ଝଲସୁଥିବା ସିନେମା ପୋଷ୍ଟର ସବୁ ସ୍ପଷ୍ଟ ଦିଶୁନଥିଲା । ବାହାର ଦୁନିଆରେ କୌଣସି ଶବ୍ଦ, ଏମିତିକି ଗୌରୀର ଲଗାତାର ପ୍ରଶ୍ନ ସବୁ (ଯେମିତି, ଆରେ କ'ଣ ହେଲା କୁହ !) ତାକୁ ଶୁଭୁନଥିଲା । ତା' ଦେହର ଯଦି କୌଣସି ଅଂଶ ଜାଗ୍ରତ ଥିଲା, ତା' ହେଲା କେବଳ ତା' ଓଠ । ତାକୁ ଲାଗୁଥିଲା ସେଠି ଯେମିତି ସୁକେଶୀର ଭଲପାଇବାର ପରାଗ ଲେସି ହେଇ ଯାଇଚି, ଫୁଲପାଖୁଡା କି ପ୍ରଜାପତି ଡେଣାର ଉପରିଭାଗ ପରି । ଆଉ କାଳେ ପୋଛି ହେଇଯିବ, ଏଇ ଭୟରେ ସେ ପବନ ଆସିଲେ ମୁହଁ ବୁଲେଇ ଦଉଥିଲା । ଘଂଟାଏ ତଳର ଗାଢ ଅନୁରାଗରେ ଓଦା ଓଠ ଏଇନା ଶୁଖିଯାଇଥିଲା । କିନ୍ତୁ କାଳେ ସେଠି ତଥାପି ବାକିଥିବା ଇନ୍ଦ୍ରଧନୁ ଧୋଇହେଇଯିବ, ଏଇ ଚିନ୍ତାରେ ବାବୁ ବାଟରେ ନା କୋଲ୍ଡ୍ରିଙ୍କ୍ ପିଇଲା, ନା ବକ୍ସିବଜାରରେ ପାନ ଖାଇଲା, ଏମିତିକି ନିଜ ଜିଭ ବି ସେଠି ଲଗେଇଲା ନାହିଁ ।

Source: Author, Digitized by PPRACHIN, SOA

ଏକୁଟିଆ ଚୁମାଟିଏ, ଖଇର ରଂଗର

ଘରେ ପହଂଚି ବାବୁ ପ୍ରଥମେ ଗଲା ଦର୍ପଣ ପାଖକୁ। ତା' ଆଖି ଭିତରର ଉନ୍ମାଦନାକୁ ସେ ନିଜେ ଚିହ୍ନି ପାରିଲାନି। ସେ ତା' ଓଠକୁ ତନ୍ନତନ୍ନ କରି ଚାହିଁ ସେଠି ଚୁମ୍ବନର ଅବଶିଷ୍ଟାଂଶକୁ ଖୋଜିଲା। ସେ ଦେଖିଲା ସୁକେଶୀ ପରି ତା' ଓଠ ବି ଖଇରିଆ ହୋଇଯାଇଚି। ବୋଉ ତାକୁ ଦେଖିଲା ମାତ୍ରେ କହିଲା, 'ତତେ ଜର ହେଇଚି କିରେ!' ପୁଣି କପାଳରେ ହାତରଖି ତାତି ମାପିଲା। ଓଠରେ କଣ ଲାଗିଚି ପଚାରି ଛୁଇଁବାକୁ ଯାଉଥିଲା। ବାବୁ କୌଣସି ମତେ ନିଜକୁ ବଂଚାଇ ତା' ରୁମ୍ କୁ ଚାଲିଗଲା। ରୁମ୍‌ର ଅନ୍ଧାର ଭିତରେ ଆଶ୍ୱସ୍ତି ଥିଲା। ସେ ଚିତ୍ ହୋଇ ଛାତକୁ ଚାହିଁ ଶୋଇପଡିଲା। ଉଠିଲା ବେଳକୁ ରାତି ନ'ଟାରୁ ବେଶୀ ହୋଇ ଯାଇଥିଲା, ଆଉ ବାବୁର ଦେହସାରା ଜର ଭର୍ତ୍ତିହୋଇ ତା' ନିଦକୁ ପ୍ରଗାଢ କରିଦେଇଥିଲା। ସେଦିନ ରାତିରେ ଜର, ନିଦ ଆଉ ଅନ୍ଧାରର ବିହ୍ୱଳତା ଭିତରେ ବାବୁ ସ୍ୱପ୍ନ ଦେଖିଲା ଯେ କେବଳ ଏକୁଟିଆ ଚୁମାଟିଏ, ଖଇର ରଂଗର, ଗୋଟାଏ ରିକ୍ସାରେ ବସି ବକ୍ସିବଜାର ବାଟେ କୁଆଡ଼େ ଚାଲିଗଲା।

ବାବୁକୁ ତିନିଦିନ କାଳ ଜରହେଲା। ତିନିଦିନ କାଳ

Source: Author, Digitized by PPRACHIN, SOA

ବାବୁ ଗାଧେଇବା, ଖାଇବା, ମୁହଁ ଧୋଇବା, ସବୁବନ୍ଦ କରିଦେଇ ତା' ଓଠରେ ଚୁମାକୁ ଅକ୍ଷତ ରଖିଲା। ଚାମୁଚରେ ପାଣିପିଇ ଔଷଦ ଗିଳିଲା ଆଉ ଥର୍ମୋମିଟରକୁ କାଖରେ ଯାକିଲା, ଯେମିତି ତା' ଓଠରେ ପବିତ୍ରତା ନଷ୍ଟ ହୋଇ ନଯାଏ। ଡାକ୍ତର କହିଲେ ସନ୍‌ଷ୍ଟ୍ରୋକ୍। କମ୍ପାଉଣ୍ଡର ଆସି ମଶାରୀ ବାଡାରୁ ବୋତଲ ଲଟ୍‌କେଇ ସାଲାଇନ୍ ଦେଲା। ତିନିଦିନ ପରେ ଜରମୁକ୍ତ ବାବୁକୁ ବକ୍ସିବଜାରରେ ଦେଖି ଗୌରୀ ତା' ଗାଲରେ ସ୍ନେହରେ ଖୁନ୍ଦାମାରି କହିଲା, 'ଇସ୍, ପ୍ରେମରୋଗ!' ପାନଦୋକାନର ଆର୍ସିରେ ବାବୁ ଦେଖିଲା, ତା' ତଳ ଓଠରେ ସୁକେଶୀର ଦିଆ ଖଇରର ରଂଗ ଆଉଟିକେ ଜମାଟ୍ ବାନ୍ଧିଯାଇଚି।

Source: Author, Digitized by PPRACHIN, SOA

ଅବଶିଷ୍ଟାଂଶ

ଏହା ପରେ ବାବୁ ଆଉ ସୁକେଶୀଙ୍କ କାହାଣୀର ଟିକନିଖିର ଖୋଜ୍‌ନେବା ଆମ ପକ୍ଷରେ ସଂଭବ ନୁହେଁ କି ଜରୁରୀ ମଧ୍ୟ ନୁହେଁ। ହେଲେ ଅନୁମାନ ଆଉ କାନକୁହା କଥା ଉପରେ ଆଶ୍ରିତ ଯେଉଁ ସବୁ ତଥ୍ୟ ଆମ ଗୋଚରକୁ ଆସିଲା, ତାହା ଏହିପରି:

୧. ଜର ଛାଡିଗଲା ପରେ, ଅନେକଦିନ ପର୍ଯ୍ୟନ୍ତ, ଏପରିକି ଦିଲ୍ଲୀ ଗଲାପରେ ବି, ବାବୁକୁ ଲାଗୁଥିଲା ଯେ ତା' ଓଠରେ ଗୋଟାଏ ପୁରୁଣା ସ୍ୱପ୍ନର ଭଗ୍ନାଂଶ ତଥାପି ଲାଗି ରହିଚି।

୨. ବହୁଦିନ ହେଲା ବାବୁ କଲେଜ୍ କ'ଣ ସହରକୁ ବି ସୁଦ୍ଧା ଆସୁନି।

୩. ସୁକେଶୀ ସନ୍ନ୍ୟାସୀର ରିକ୍ସାରୁ ଓହ୍ଲେଇ ସଂଧ୍ୟାବେଳେ ବସ୍‌ଧରି ଭୁବନେଶ୍ୱର ଗଲା ଆଉ ସପ୍ତାହେ ପରେ, ପୂର୍ବ ଯୋଜନା ଅନୁଯାୟୀ କେଉଁଝରରେ ଯାଇ ପୁରା ଗ୍ରୀଷ୍ମଛୁଟିଟା କାଟିଥିଲା।

୪. ବାବୁ ଅନେକ ଦିନ ପର୍ଯ୍ୟନ୍ତ ବାହାଘର ମଣ୍ଡପ କି ଶୋଭାଯାତ୍ରା ଦେଖିଲେ, ଆତଙ୍କିତ ହୋଇ ପଡୁଥିଲା, ଏୟା' ଭାବି ଯେ ହୁଏତ ଆଜି ସୁକେଶୀ ବାହାହୋଇ ଯାଉଚି।

୫. ସୁକେଶୀ ସେ କଲେଜ୍‌ରେ ଆଉ ପାଂଚବର୍ଷ ପଢିଲା। ଗ୍ରାଜୁଏସନ୍ ପରେ ବାହାହେଲା। ଏମ୍.ଏ. ପରୀକ୍ଷା

Source: Author, Digitized by PPRACHIN, SOA

ବେଳେ ଅତିରିକ୍ତ ଗର୍ଭବତୀ ଥିବା ହେତୁ, ଗୋଟେ ଉଚ୍ଚା ଡେସ୍କ ମାଗି, ଠିଆହୋଇ ପରୀକ୍ଷା ଦେଲା । ଆଉ ୨୧ ବର୍ଷ ବୟସରେ ପ୍ରଥମ ଥର ପାଇଁ ମା' ହେଲା ।

୬. ବିନ୍ଦୁ ଷ୍ଟେଟ୍‌ବ୍ୟାଙ୍କରେ ଚାକିରି କରି, ଅଖିଳ ଭାରତୀୟ ବ୍ୟାଙ୍କ୍ କର୍ମଚାରୀ ସଙ୍ଘର ଜଏଂଟ୍ ସେକ୍ରେଟାରୀ ହୋଇ ମଝିରେ ମଝିରେ ମିଟିଂ ପାଇଁ ଦିଲ୍ଲୀ ଯାଏ ।

୭. ହର ପ୍ରଥମେ ସିଭିଲ୍ ସର୍ଭିସ୍ ଓ ତା'ର କିଛିବର୍ଷ ପରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲା । ବର୍ତ୍ତମାନ ସେ କୌଣସି ଆନ୍ତର୍ଜାତିକ ସଂସ୍ଥାର ଆନୁକୁଲ୍ୟରେ କାମ କରୁଚି । ଆଉ ଦୁଇବର୍ଷ କଲେ ଡଲାର୍‌ରେ ପେନ୍‌ସନ୍ ପାଇବ ।

୮. ଗୌରୀ କଂଟ୍ରାକ୍ଟରୀରେ ବହୁତ ପଇସା କମେଇ ମଝିରେ ଦୁଇଟା ଟ୍ରକ୍ ଓ ଗୋଟାଏ ସେକେଣ୍ଡହ୍ୟାଣ୍ଡ୍ କାର୍ ବି କିଣିଥିଲା । କିନ୍ତୁ ଅର୍ଥନୀତିରେ ବିପର୍ଯ୍ୟୟ ହେତୁ ବଜାର ମାନ୍ଦା ହେଇଯିବାରେ ସେ ସବୁ ବିକି ଚିଟ୍‌ଫଣ୍ଡ୍ ଏଜେଣ୍ଟ୍ ହେଇଥିଲା, ବର୍ତ୍ତମାନ ଜେଲ୍‌ରେ ଅଛି ।

୯. ବାବୁ ବିଷୟରେ କୌଣସି ସଠିକ୍ ଖବର ମିଳୁନି ।ସେ କଟକ ଆସେନି । ସେ କି ଚାକିରି କରେ ଓ ବାହା ହୋଇଚି କି ନାହିଁ, ଏ ବିଷୟରେ ଅନେକ ସଂଦିଗ୍ଧତା । କିଏ କହେ ସେ ଦିଲ୍ଲୀର କୌଣସି ଷ୍ଟ୍ରୀଟ୍ ଥିଏଟର୍ ବାଲା ଏନ୍.ଜି.ଓ.ରେ କାମ କରେ । କିଏ କହେ, ସେ କୌଣସି ବିବାହିତା ସ୍ତ୍ରୀଲୋକ ସାଙ୍ଗରେ ସଂପର୍କ ରଖିଚି, ଯାହାର ପିଲାମାନେ ବଡ ଓ ସ୍ୱାମୀ ବିଦେଶରେ ଥା'ନ୍ତି ।

୧୦. କିନ୍ତୁ ବିନ୍ଦୁଦାସ କହେ ଯେ ବାବୁ ଭଲଅଛି ଓ ସୁକେଶୀର ସେଇ ଅଲୌକିକ ଚୁମ୍ବନ ପରଠୁ ତା' ଭିତରେ ସେ କଲେଜ୍‌ବେଳର, ଚଂଚଳ ମରିଯିବାର ପୁରୁଣା ଭୟ, ଆଉ ପ୍ରାୟ ନାହିଁ କହିଲେ ଚଳେ ।

Source: Author, Digitized by PPRACHIN, SOA

ବାବୁ

Source: Author, Digitized by PPRACHIN, SOA

ବାବୁଙ୍କୁ ତିନିଦିନ କାଳ ଜରହେଲା। ତିନିଦିନ କାଳ ବାବୁ ଗାଧେଇବା, ଖାଇବା, ମୁହଁ ଧୋଇବା, ସବୁବନ୍ଦ କରିଦେଇ ତା' ଓଠର ଚୁମାକୁ ଅକ୍ଷତ ରଖିଲା। ଚାମୁଚରେ ପାଣିପିଇ ଔଷଦ ଗିଳିଲା ଆଉ ଥର୍ମୋମିଟରକୁ କାଖରେ ଯାକିଲା, ଯେମିତି ତା' ଓଠର ପବିତ୍ରତା ନଷ୍ଟ ହୋଇ ନଯାଏ। ଡାକ୍ତର କହିଲେ ସନ୍‌ଷ୍ଟ୍ରୋକ୍। କମ୍ପାଉଣ୍ଡର ଆସି ମଶାରୀ ବାଡାରୁ ବୋତଲ ଲଟକେଇ ସାଲାଇନ୍ ଦେଲା। ତିନିଦିନ ପରେ ଜରମୁକ୍ତ ବାବୁଙ୍କୁ ବକ୍ସିବଜାରରେ ଦେଖି ଗୌରୀ ତା' ଗାଲରେ ସ୍ନେହରେ ଖୁନ୍ଦାମାରି କହିଲା, 'ଇସ୍, ପ୍ରେମରୋଗ!' ପାନଦୋକାନର ଆର୍ସିରେ ବାବୁ ଦେଖିଲା, ତା' ତଳ ଓଠରେ ସୁକେଶୀର ଦିଆ ଖଇରର ରଙ୍ଗ ଆଉଟିକେ ଜମାଟ୍ ବାନ୍ଧିଯାଇଚି।

www.timepassbooks.com

Source: Author, Digitized by PPRACHIN, SOA